## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ହେମନ୍ତ କୁମାର ମୁଣ୍ଡଙ୍କ ଅଧକ୍ଷତାରେ ବିଡିଓ ପ୍ରିୟରଞ୍ଜନ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିବିର ଭାରପ୍ରାପ୍ତ ଅଧିକାରୀ ଅସରଫ୍ ଅଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ଦିପାନ୍ତି ଧାଙ୍ଗଡାମାଝି ଓ ସପ୍ନାରାଣୀ ସହଯୋଗ କରିଥିଲେ। ଏହି ଶିବିରକୁ ଲିଲିମା ବାରିକ, ପଲ୍ଲବି ବାଗ ଓ ମୌସୁମୀ ଜଗତ ପ୍ରଶିକ୍ଷିକା ଭାବେ ଶିବିର ପରିଚାଳନା କରିବେ। ଅଧାପିକା ଭୁମିସ୍ମିତା ନାଗ ଧନ୍ୟବାଦ ଦେଇଥିଲେ।

## ସଂକ୍ଷେପରେ

### କେସିଙ୍ଗା ମା’ ଅମ୍ବାଜି ମନ୍ଦିରରୁ ସୁନା ଅଳଙ୍କାର ଚୋରି

କେସିଙ୍ଗା,୧୯।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କେସିଙ୍ଗା ସହର ରେଳ ଫାଟକ ନିକଟ ପ୍ରସିଦ୍ଧ ମା’ ଅମ୍ବାଜି ମନ୍ଦିରରୁ ବୁଧବାର ବିଳମ୍ବିତ ରାତିରେ ଦୁର୍ବୃତ୍ତମାନେ ମନ୍ଦିର ତାଲା ଭାଙ୍ଗି ମା’ଙ୍କ ସୁନାଗହଣା ଚୋରି ହୋଇଥିବା ନେଇ ଗୁରୁବାର ଥାନାରେ ମନ୍ଦିର ପ୍ରବନ୍ଧନ ଅଭିଯୋଗ କରିଛି। ଯାହା ଆନୁମାନିକ ୧୮୦ ଗ୍ରାମ ହେବ ବୋଲି ମନ୍ଦିର ପ୍ରବନ୍ଧନ ପକ୍ଷରୁ କୁହାଯାଇଛି। ମା’ଙ୍କ ପାଖରେ ପାଖାପାଖି ୧୦ କେଜି ରୂପା ଅଳଙ୍କାର, ରୂପା କଳସୀ ଓ ଅନ୍ୟ ସବୁ ରୂପା ଜିନିଷ ଥିଲା, ତାହା ନ ନେଇ କେବଳ ସୁନା ଅଳଙ୍କାର ଚୋରି ହୋଇଥିବାରୁ ସହରରେ ଆଲୋଚ୍ୟ ହୋଇଛି। ମା’ଙ୍କ ମନ୍ଦିର ୨୬ ନଂ. ଜାତୀୟ ରାଜପଥ କଡ଼ ଓ କେସିଙ୍ଗା ଆଦର୍ଶ ଥାନାରୁ ମାତ୍ର ୧୫୦ ମିଟର ଦୂରରୁ ଚୋରି ହୋଇଥିବାରୁ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଖବର ପାଇ କେସିଙ୍ଗା ଏସଡିପିଓ, ଥାନା ଅଧିକାରୀ, ଭବାନୀପାଟଣାରୁ ସାଇଣ୍ଟିଫିକ୍ ଟିମ୍ ଘଟଣାର ତଦନ୍ତ କରୁଛି।

### ଭାଜପା ସାଙ୍ଗଠନିକ ବୈଠକ

କୋକସରା,୧୮।୧(ଡି.ଏନ.ଏ.): କଳାହାଣ୍ଡି ଜିଲା କୋକସରା ବ୍ଲକ ଗମ୍ଭାରୀଗୁଡା ପଞ୍ଚାୟତ ଓଲମା ଗ୍ରାମ ଶିବମନ୍ଦିର ନିକଟରେ ଭାଜପା ପକ୍ଷରୁ କୋକସରା ମଣ୍ଡଳର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। କୋକସରା ମଣ୍ଡଳ ସଭାପତି ଦୁର୍ଗା ପ୍ରସାଦ ପ୍ରଧାନୀଙ୍କ ସଭାପତିତ୍ୱରେ ଛତିଶଗଡ଼ ଯୁବମୋର୍ଚ୍ଚା ପ୍ରଭାରୀ ତଥା ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଦିପଜ୍ୟୋତି ମୁଣ୍ଡ, ଜିଲା ସାଧାରଣ ସମ୍ପାଦକ ସୁଧୀର ରଞ୍ଜନ ପାଟଯୋଷୀ, ଜିଲା ଉପସଭାପତି ଲକ୍ଷ୍ମୀକାନ୍ତ ବାଗ, ଜିଲା ଯୁବମୋର୍ଚ୍ଚା ସଭାପତି ବିଜୟଦେ ସାହୁ, ପୂର୍ବତନ ମନ୍ତ୍ରୀ ହିମାଂଶୁ ଶେଖର ମେହେର ଯୋଗଦେଇଥିଲେ। ସଙ୍ଗଠନକୁ ତୃଣମୂଳସ୍ତରରେ ସୁଦୃଢ଼ କରିବା ପାଇଁ ଦଳୀୟ ନେତାମାନେ ମତ ରଖିଥିଲେ। ବୈଠକରେ ଏମ୍‌ପିଙ୍କ ପ୍ରତିନିଧି ସୁଧୀର କୁମାର ପାତ୍ର, ପୂର୍ବତନ ଜିଲା ପରିଷଦ ନୀଳକଣ୍ଠ ମାଝି, କୋକସରା ମଣ୍ଡଳ ପ୍ରଭାରୀ ଗରୁଡ଼ ଧ୍ୱଜ ମାଝି, ମଣ୍ଡଳ ସାଧାରଣ ସମ୍ପାଦକ ତ୍ରିନାଥ ଶବର, ଉପସଭାପତି ଗୋପାଳ ଅଗ୍ରୱାଲ, ସମ୍ପାଦକ ସୁଭାଷ ଦାସ, ମଣ୍ଡଳ ସମ୍ପାଦକ ମୋତିଲାଲ ନାଏକ, ହରିଜନ ମୋର୍ଚ୍ଚା ସଭାପତି ସୋମନାଥ ବାଗ, ଆଦିବାସୀ ମୋର୍ଚ୍ଚା ସଭାପତି ମଦନ ମୋହନ ପାତ୍ର, ଓବିସି ମୋର୍ଚ୍ଚା ସଭାପତି କ୍ଷେତ୍ର ମୋହନ ବାଗ, ସଦସ୍ୟ ନରେନ୍ଦ୍ର ପ୍ରଧାନୀ ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।

### ଖଡ଼ିଆଳରେ ନୂତନ ଏସ୍‌ଡିପିଓଙ୍କ ଯୋଗଦାନ

ଖଡ଼ିଆଳ,୧୯।୧(ଡି.ଏନ.ଏ.): ନୂଆପଡ଼ା ଜିଲା ଖଡ଼ିଆଳରେ ନୂତନ ଏସ୍‌ଡିପିଓ ଭାବେ



ଅରୂପ ଅଭିଷେକ ବେହେରା ଯୋଗଦାନ କରିଛନ୍ତି। ବେହେରା ଏହା ପୂର୍ବରୁ ସେ ଜୟପୁରରେ ଏସ୍‌ଡିପିଓ ଦାୟିତ୍ୱରେ ଥିଲେ। ବର୍ତ୍ତମାନ ଖଡ଼ିଆଳ, ବୋଡ଼େନ, ସିନାପାଲି ଥାନା ଅଞ୍ଚଳର ଆଇନଶୃଙ୍ଖଳା ଉପରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି। ଖଡ଼ିଆଳ ପୋଲିସ ବିଭାଗ ବେହେରାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଖଡିଆଳ ଥାନାଧିକାରୀ ଅନିରୁଦ୍ଧ ମୁଦୁଲି, ଏସଆଇ ତାରାକାନ୍ତ ବିଶାଳ, ଏସଆଇ ନବଘନ ଗୌଡ଼, ଏସଆଇ ଚଞ୍ଚଳା ତାଣ୍ଡି, ଏଏସଆଇ ଦୁର୍ଗାପ୍ରସାଦ ସାହୁ, ରେବତୀ ଦୁର୍ଗା, ଦେବାର୍ଚ୍ଚନ ମାଝି, ଧନେଶର ମାଝି, କ୍ଷୀର ସିନ୍ଧୁ ତାଣ୍ଡି ପ୍ରମୁଖ ଉପସ୍ଥିତି ରହିଥିଲେ।

### କ୍ରିକେଟ ଟୁର୍ଣ୍ଣାମେଣ୍ଟ: ଏମ୍‌ସିସି ବିଜୟୀ

ମଦନପୁର,୧୯।୧(ଡି.ଏନ.ଏ.): କଳାହାଣ୍ଡି ଜିଲା ମ.ରାମପୁର ବ୍ଲକ ଅନ୍ତର୍ଗତ ମଦନପୁରଠାରେ ଚାଲିଥିବା ଏମ୍‌ସିସି କ୍ରିକେଟ ଟୁର୍ଣ୍ଣାମେଣ୍ଟର ଗୁରୁବାର ୨ୟ ଦିବସ ମ୍ୟାଚ୍‌ରେ ଏମ୍‌ସିସି ବିଜୟୀ ହୋଇଛି। ଦ୍ୱିତୀୟ ଦିନରେ ମୁଖ୍ୟଅତିଥି ଭାବେ ଅଲାତରା ସରପଞ୍ଚ ସସ୍ମିତା ନାଗ, ପ୍ୟାକ୍ସ ସଭାପତି ହରି ମହାନନ୍ଦ, ସମ୍ମାନିତ ଅତିଥି ଭାବେ ଏମ୍.ବି.କେ ମୋହନପ୍ରିୟା ଭୋଇ, ଅସିତ୍ ବରଣ ବେହେରା ଓ ସାମାଜିକ କର୍ମୀ ପ୍ରମେଶ୍ୱର ନାଗ ଯୋଗ ଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପାୱାର୍ ହିଟର୍ ଏବଂ ମଦନପୁର ଏମ୍‌ସିସି ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ପାୱାରହିଟର୍ ଦଳ ଟସ୍ ଜିଣି ବ୍ୟାଟିଂ କରି ୧୦ ଓଭରରେ ୭୪ ରନ୍ ସଂଗ୍ରହ କରିଥିଲା। ଜବାବରେ ମଦନପୁର ଏମ୍‌ସିସି ଦଳ ୭୫ ରନ୍ କରି ବିଜୟୀ ଘୋଷିତ ହୋଇଥିଲା। ମ୍ୟାଚ୍‌ରେ ଅମ୍ପାୟର ଦ୍ୱୟ ରାଜିନ୍ଦ୍ର ରଣା ଏବଂ ରାଜୀବ ବର୍ଗର୍ତ୍ତା ଖେଳ ପରିଚାଳନା କରିଥିଲେ। ଯାଦବ ଦଣ୍ଡସେନା, ବବୁ ଖେଳର ଧାରା ବିବରଣୀ ପ୍ରଦାନ କରିଥଲେ। ଶମ୍ଭୁ ବାହୁକ ଓ ନରେସ ସ୍କୋର ବୋର୍ଡ ଦାୟିତ୍ୱ ତୁଲାଇ ଥିଲେ।

# ମଣ୍ଡିରୁ ଉଠୁନି ଧାନ, ଚାଷୀଙ୍କ ଧାରଣା

**ନୂଆପଡ଼ା ଜିଲା**

■ମଣ୍ଡିରେ ପଡ଼ିଛି ୩ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତା ଧାନ

ନୂଆପଡ଼ା ଅଫିସ,୧୯।୧

ନୂଆପଡା ଜିଲାର ବିଭିନ୍ନ ମଣ୍ଡିରେ ପ୍ରାୟ ୩ ଲକ୍ଷରୁ ଊର୍ଦ୍ଧ୍ୱ ବସ୍ତା ଧାନ ପଡି ରହିଛି। ଆକାଶରେ ମେଘୁଆ ପାଗ ଦେଖି ଚାଷୀ ଚିନ୍ତାରେ ପଡ଼ିଛନ୍ତି। ପାକ୍ସ ପକ୍ଷରୁ ଆବଶ୍ୟକ ପଲିଥିନ ନ ଦେବାରୁ ବର୍ଷାରେ ଧାନ ଗଜା ହେବା ସମ୍ଭାବନା ରହିଛି। ମାସ ମାସ ଧରି ଧାନ ମଣ୍ଡିରେ ପଡିଛି। ବାରମ୍ବାର ମଣ୍ଡିରୁ ଧାନ ଉଠାଯାଉ ବୋଲି ଚାଷୀ ଦାବି କଲେ ମଧ୍ୟ କେହି ଶୁଣୁନାହାନ୍ତି। ଅଧିକାଂଶ ଚାଷୀଙ୍କ ଟୋକନ ଲାପ୍ସ ହେବାକୁ ଯାଉଛି। ଶୀତ, କାକରରେ ଚାଷୀ ମଣ୍ଡିରେ ଜଗି ରହିଥିଲେ ହେଁ ପ୍ରଶାସନର ନିଦ ଭାଙ୍ଗୁନାହିଁ। ମଣ୍ଡିରୁ ଶୀଘ୍ର ଚାଷୀଙ୍କ ଧାନ ଉଠାଯିବା ଦାବି କରି ଗୁରୁବାର ଭାଜପା କିଷାନ ମୋର୍ଚ୍ଚା ଜିଲା ସଭାପତି ଗୋବର୍ଦ୍ଧନ ସାହୁଙ୍କ ନେତୃତ୍ୱରେ ଜିଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ଭିତରେ ଧାରଣାରେ ବସିଥିଲେ। ସମସ୍ତଙ୍କ ଧାନ ଉଠାଯିବ ବୋଲି ପ୍ରତିଶ୍ରୁତି ମିଳିବାରୁ ଧାରଣାରୁ ଉଠିଥିଲେ। ୭ ଦିନ ଭିତରେ ଧାନ ଉଠା ନ ଗଲେ ରାଜରାସ୍ତାରେ ଓହ୍ଲାଇ ଆନ୍ଦୋଳନ କରିବୁ ବୋଲି ଚେତାବନୀ ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ଜିଲାରେ ଚଳିତ ଖରିଫରେ ୧୭ ଲକ୍ଷ ୫୦୦ କୁଇଣ୍ଟାଲ ଧାନ ସଂଗ୍ରହ କରିବା ଲକ୍ଷ୍ୟ ଥିବା ବେଳେ ୪୧,୪୯୩ ଜଣ ଚାଷୀ ପଞ୍ଜୀକରଣ କରିଛନ୍ତି। ଜାନୁୟାରୀ ୧୯ ସୁଦ୍ଧା ଜିଲାରେ ୩୫,୧୪୮ଜଣ ଚାଷୀଙ୍କ ୧୬ ଲକ୍ଷ ୫୯ ହଜାର କୁଇଣ୍ଟାଲ ଧାନ କିଣା ସରି ସାରିଲାଣି। ବର୍ତ୍ତମାନ ଜିଲାର ୭୨ଟି ମଣ୍ଡିରେ ୨,୪୯୯ ଜଣ ଚାଷୀଙ୍କ ୨,୮୨,୮୮୪ ବସ୍ତା ଧାନ ମଣ୍ଡିରେ ପଡିରହିଛି। ଅଧିକାଂଶ ମଣ୍ଡିକୁ ମିଲର୍ସ ଆସୁ ନ ଥିବାରୁ ଚାଷୀଙ୍କ ଉପରେ ସନ୍ଦେହ ଜାତ ହେଉଛି। ଅଧିକ କଟନି ଛଟନି କରିବା ପାଇଁ ମିଲର୍ସ ମଣ୍ଡିକୁ ଆସୁନାହାନ୍ତି। ଶେଷ ସମୟରେ ଅଧିକ କଟନି ଛଟନି କଲେ ମଧ୍ୟ ଚାଷୀ ବାଧ୍ୟ ହୋଇ ମଣ୍ଡିରେ ଧାନ ଦେବ ବୋଲି ମିଲର୍ସ ଏପ୍ରକାର କରୁଛନ୍ତି ବୋଲି ଚାଷୀ ମହଲରେ ଚର୍ଚ୍ଚା ହେଉଛି। ଏ ସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ଜି.ପ୍ରଭାକର ପାତ୍ରୋଙ୍କୁ ପଚାରିବାରୁ ଆମେ ଜିଲାର ସବୁ ଚାଷୀଙ୍କ ଉଠାଇବା ଚେଷ୍ଟା କରୁଛୁ। କାହାର ଟୋକନ ଲାପ୍ସ ନ ହେଉ କିମ୍ବା ଧାନ ବିକ୍ରୟ କରିବା କେହି ବଞ୍ଚିତ ନ ହୁଅନ୍ତୁ ବୋଲି କହିଥିଲେ। ଭାଜପା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ହୋମସିଂ ମାଝି, ଜିଲା ସାଧାରଣ ସମ୍ପାଦକ ତୁଲସ ପଟେଲ, କମଳେଶ ଠାକୁର, ଓମପ୍ରକାଶ କଲାର, ଲାଲାରାମ ସାହୁ, ଲଳିତ ଶବର, ହେତୁରାମ ସାହୁ, ରାମେଶ ସାହୁ, ରିଖି ସତନାମୀ, ଅଶ୍ୱନୀ ରଣା ପ୍ରମୁଖ ଉପସ୍ଥିତ ରହିଥିଲେ।



କାର୍ଯ୍ୟାଳୟ ଭିତରେ ଧାରଣାରେ ବସିଛନ୍ତି।

# ଅତିରିକ୍ତ ମୁଖ୍ୟ ଶାସନ ସଚିବ, କୃଷି ସଚିବଙ୍କ ଜୁନାଗଡ଼ ବ୍ଲକ ଗସ୍ତ



ସଚିବ ଦ୍ୱୟ ବୁଣାକାରା ଜଳନ୍ଦରଙ୍କ ଶାଢୀ ଦେଖୁଛନ୍ତି।

ଜୁନାଗଡ,୧୯।୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ଜୁନାଗଡ ବ୍ଲକର ବିଭିନ୍ନ ସ୍ଥାନକୁ ଗସ୍ତ କରିଛନ୍ତି ରାଜ୍ୟ ଅତିରିକ୍ତ ମୁଖ୍ୟ ଶାସନ ସଚିବ ପ୍ରଦୀପ କୁମାର ଜେନା ଓ କୃଷି ସଚିବ ଡ. ଅରବିନ୍ଦ ପାଢୀ। ପ୍ରଥମେ ସେମାନେ ଜୁନାଗଡ ବ୍ଲକ ଚିଚୈଗୁଡା ଗ୍ରାମକୁ ଯାଇ ସେଠାରେ ଥିବା ବୁଣାକାରଙ୍କୁ ସାକ୍ଷାତ କରିବା ସହ ତାଙ୍କ କାର୍ଯ୍ୟକୁ ନେଇ ଉତ୍ସାହିତ କରିଥିଲେ। ଏହି ସମୟରେ ସେମାନେ ବୁଣାକାରଙ୍କୁ ହାବସପୁରୀ ଶାଢିର ଚାହିଦା ଓ ତାଙ୍କ ସମସ୍ୟା ଉପରେ ପାଚାରି ବୁଝିଥିଲେ। ବୁଣାକାର ଜଳନ୍ଦର ମେହେରଙ୍କ ହାବସପୁରୀ ଶାଢି ଦେଖି ଅତିରିକ୍ତ ମୁଖ୍ୟ ଶାସନ ସଚିବ ଜେନା ଖୁସି ହୋଇଯାଇଥିଲେ। ଏହି ସମୟରେ ଜିଲାପାଳ ପି.ଅନ୍ୱେଷା ରେଡ୍ଡୀ, ଧର୍ମଗଡ ଉପଜିଲାପାଳ ବେଦଭୁଷଣ, ଜିଲା ପରିଷଦ ଉପାଧକ୍ଷା ସୁଧିରା ମେହେର, ବିଡିଓ ଦୁଲାରାମ ମାରାଣ୍ଡି, ଚିଚୈଗୁଡା ସରପଞ୍ଚ ପରମେଶ୍ୱର ମେହେର ପ୍ରମୁଖ ଉପସ୍ଥିତ ଥିଲେ। ପରେ ସେମାନେ ଜୁନାଗଡ ସହରସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ପରିଦର୍ଶନ କରିଥିଲେ। ସେଠାକାର ଇନ୍‌ଡୋର ଷ୍ଟାଡିୟମ ବୁଲି ଦେଖିଥିଲେ। ବିଜୁ ପଟ୍ଟନାୟକ ଷ୍ଟାଡିୟମ ଓ ଇନ୍‌ଡୋର ଷ୍ଟାଡିୟମର ରୂପରେଖ ଦେଖି ସେମାନେ ଖୁସି ହୋଇଯାଇଥିଲେ।

# ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ, ପ୍ରକଳ୍ପ ପ୍ରତିଯୋଗିତା ଉଦ୍‌ଯାପିତ



ବିଜେତା ପ୍ରତିଯୋଗୀଙ୍କ ସହ ଅତିଥିବୃନ୍ଦ।

ଭବାନୀପାଟଣା,୧୯।୧(ସ୍ୱ.ପ୍ର.)

**ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ସମସ୍ତଙ୍କୁ ଉଦ୍ଭାବନ ଅଭିମୁଖୀ କରିବା ପ୍ରକୃଷ୍ଟ ମଞ୍ଚ**

ଭବାନୀପାଟଣା ବ୍ରଜମୋହନ ହାଇସ୍କୁଲରେ ଜିଲାସ୍ତରୀୟ ବିଜ୍ଞାନ ପ୍ରଦର୍ଶନୀ ଓ ପ୍ରକଳ୍ପ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଜିଲା ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଚୋପଦାରଙ୍କ ଅଧକ୍ଷରେ ଉଦ୍‌ଘାଟନୀରେ ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ଟେମଲାଲ ଦୁବେ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ସମସ୍ତ ବ୍ଲକରୁ ଜାତୀୟସ୍ତରରେ ଚୟନ ହୋଇଥିବା ୧୫୨ଟି ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ଇନ୍‌ସ୍ପାଏର ମାନକ ପୋର୍ଟାଲ ଅନୁଯାୟୀ ଶତ ପ୍ରତିଶତ ନୋମିନେଶନ କରିଥିବା ଲାଞ୍ଜିଗଡ, ନର୍ଲା ଓ କେସିଙ୍ଗା ବ୍ଲକ ଶିକ୍ଷା ଅଧିକାରୀ ଓ ତାଙ୍କ ଦଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ବୋର୍ଡା ଜନତା ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ପ୍ରକାଶ ନିଶଙ୍କ ସଭା କାର୍ଯ୍ୟ ପରିଚାଳନା କରିଥିଲେ। ଉଦ୍‌ଯାପନୀରେ ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ଅଧକ୍ଷ ସର୍ଦ୍ଦାର ସୁରଜିତ ସିଂହ ଯୋଗଦେଇଥିବାବେଳେ ମୁଖ୍ୟବକ୍ତା ଭାବେ ଓୟୁଏଟି ଆସୋସିଏଟ ପ୍ରୋଫେସର୍ ଡ. ନିରାକାର ରଣସିଂହ, ସମ୍ମାନିତ ଅତିଥି ଭାବେ ଭବାନୀପାଟଣା ବ୍ଲକ ଶିକ୍ଷା ଅଧିକାରୀ ସୁନନ୍ଦା ପଣ୍ଡା, ଜିଲା ଶାରୀରିକ ଶିକ୍ଷା ନିରୀକ୍ଷକ ମହେନ୍ଦ୍ର କୁମାର ପଣ୍ଡା ଯୋଗଦେଇଥିଲେ। ବିଜ୍ଞାନ ପ୍ରକଳ୍ପ ପ୍ରତିଯୋଗିତା ସମସ୍ତଙ୍କୁ ଉଦ୍ଭାବନ ଅଭିମୁଖୀ କରିବାର ପ୍ରକୃଷ୍ଟ ମଞ୍ଚ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ପ୍ରଦର୍ଶିତ ପ୍ରକଳ୍ପ ମଧ୍ୟରୁ ୧୫ଟି ଶିଶୁ ବୈଜ୍ଞାନିକ ରାଜ୍ୟସ୍ତରକୁ ମନୋନୀତ ହୋଇଥିଲେ। ସେମାନେ ହେଉଛନ୍ତି ସୌମ୍ୟ ରଞ୍ଜନ ସିଂ, ବିକାଶ ରାଉତ, ରାମ ମାଝି, ଖୁସବୁ ସାହୁ, ସୌମ୍ୟ ସମ୍ପିତ ସାହୁ, ବର୍ଷା ଲହଜଲ, ମଧୁସ୍ମିତା ଶା, କାର୍ତ୍ତିକ ମାଝି, ରୋଷନୀ ପ୍ରଧାନୀ, ଯୋଗେନ୍ଦ୍ର ମଶ୍ରା, ଆଶୁତୋଷ ମେହେର, ଲକ୍ଷ୍ମୀ ନାୟକ, ଦୀପ୍ତି ବନ୍ଦିଛୋଡ, ସ୍ୱୟଂସମ୍ଭୁ ଦାସ ଓ ତାରେଶ୍ୱର୍ ନାୟକ। ସମସ୍ତ ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଶୁଭେନ୍ଦୁଶେଖର ବେହେରା ମଞ୍ଚ ସଂଯୋଜନା କରିଥିବା ବେଳେ ବ୍ରଜମୋହନ ଉଚ୍ଚ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଧନ୍ୟବାଦ ଦେଇଥିଲେ। ଉଲ୍ଲେଖନୀୟ ଅବଦାନ ଯୋଗୁ ସାଧନ କର୍ମୀ ସନ୍ତୋଷ କୁମାର କର ଓ ପ୍ରାକ୍ତନ ଜିଲା ବିଜ୍ଞାନ ପର୍ଯ୍ୟବେକ୍ଷକ ପ୍ରକାଶ ନିଶଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭିନ୍ନ କାର୍ଯ୍ୟକ୍ରମରେ ମେଳା ପରିଚାଳନା କମିଟି ସଦସ୍ୟ ତଥା ବ୍ରଜମୋହନ ବିଦ୍ୟାଳୟ ଶିକ୍ଷକ ଓ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

# ମହୋତ୍ସବରେ ଜିଲାର ବିକାଶ ନେଇ ଆଲୋଚନାଚକ୍ର

ଖଡ଼ିଆଳ,୧୯।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ଖଡ଼ିଆଳ ମହୋତ୍ସବ ଉପଲକ୍ଷେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନରେ ଜିଲାର ବିକାଶକୁ ନେଇ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟାପକ ଡ଼ା ପଦ୍ମ ଲୋଚନ ବର୍ମା ପରିଚାଳନା କରିଥିବା ବେଳେ କଂଗ୍ରେସ ପକ୍ଷରୁ ଖଡ଼ିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ଭାଜପା ପକ୍ଷରୁ ଯଦୁମଣି ପାଣିଗ୍ରାହୀ, ବିଜେଡି ପକ୍ଷରୁ ଲମ୍ବୋଦର ନିଆଲ ଓ ସାମାଜିକ କର୍ମୀ ଭାବେ ଡୋଳାମଣି ସିଂ ବାବୁ ଯୋଗଦେଇଥିଲେ। ବ୍ଲକର ବିଭିନ୍ନ କଲେଜ ଛାତ୍ରୀଛାତ୍ର ଏଥିରେ ଅଂଶଗ୍ରହଣ କରି ଜିଲାର ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ଦାଦନ ସମସ୍ୟା, ଜଳସେଚନ ସମସ୍ୟା, ମଣ୍ଡି ସମସ୍ୟା ଆଦି ଉପରେ ଦୃଷ୍ଟି ଆକର୍ଷଣ କରିଥିଲେ। ଆଲୋଚକମାନେ ଏସବୁ ସମସ୍ୟା କାରଣ ଓ ସମାଧାନ ଉପରେ ମତ ରଖିଥିଲେ।

# ପଲ୍ଲିଶ୍ରୀ ମେଳା, କ୍ରୀଡ଼ା ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀରେ ସମ୍ବଲପୁରୀ ନୃତ୍ୟ ପରିବେଷଣ କରାଯାଉଛି।

ନୂଆପଡ଼ା ଅଫିସ,୧୯।୧

ସ୍ଥାନୀୟ ମିନି ଷ୍ଟାଡିୟମରେ ଜିଲା ପ୍ରଶାସନ ଓ ଓରମାସଙ୍କ ମିଳିତ ଆନୁକୂଲ୍ୟରେ ଚାଲିଥିବା ଜିଲାସ୍ତରୀୟ ପଲ୍ଲିଶ୍ରୀ ମେଳା ସହ କ୍ରୀଡା ଓ ସାଂସ୍କୃତିକ ମହୋତ୍ସବ ଉଦ୍‌ଯାପିତ ହୋଇଯାଇଛି। ଜିଲାପାଳ ହେମକାନ୍ତ ସାଏଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଯୋଜନା ଓ ସମନ୍ୱୟ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆ ମୁଖ୍ୟଅତିଥି, ଜିଲା ମୁଖ୍ୟ ଅଧିକାରୀ ମଧୁଛନ୍ଦା ସାହୁ, ଜିଲା କ୍ରିକେଟ ସଂଘ ସମ୍ପାଦକ ସରୋଜ କୁମାର ସାହୁ, ଜିଲା ପରିଷଦ ସଦସ୍ୟ ଭାନୁ ପ୍ରତାପ ସିଂ ମାଝି, ଅବନୀ ରଞ୍ଜନ ଯୋଶୀ, ମୁରଲିଧର ଭୋଇ, ଭରତ ଲାଲ ରାଉତ, ଚିତ୍ତରଞ୍ଜନ ବେହେରା, ମାଲ୍ୟବନ୍ତ ସୁନା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶେଷ ସନ୍ଧ୍ୟାରେ ନୂଆପଡା ପାୟଲ ସାଂସ୍କୃତିକ ଅନୁଷ୍ଠାନ, ବଲାଙ୍ଗୀର ଜିଲାର ଢୋଲମହୁରୀ କଳା ପରିଷଦ ପକ୍ଷରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କୋଟେନବୁଆଁ ସେବାଶ୍ର ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କ ସମ୍ବଲପୁରୀ ନୃତ୍ୟ, ଆଦିବାସୀ ନୃତ୍ୟ ଆଦି ପରିବେଷଣ କରିଥିବା ବେଳେ ରାତ୍ରିରେ ରକ୍‌ଷ୍ଟାର ରୁକୁ ସୁନା ଓ ଗ୍ରୁପର ମେଲୋଡି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶେଷ ସନ୍ଧ୍ୟାରେ ସମ୍ବଲପୁରୀ ଗୀତ ଓ ଢୋଲ ନିଶାନ ତାସାରେ ଦର୍ଶକ ଝୁମି ଉଠିଥିଲେ। ରାଜ୍ୟର କୋଣ ଅନୁକୋଣରୁ ଆସିଥିବା ବିଭିନ୍ନ ହସ୍ତତନ୍ତ, ହସ୍ତକଳା, କୁଟୀର ଶିଳ୍ପ, ଟେରାକୋଟା, ବାନ୍ଧକାମ, ସୁଦିଆ ଖାଦ୍ୟ, ଘରକରଣା ସାମଗ୍ରୀ, ସୌନ୍ଦର୍ଯ୍ୟ କରଣ ସାମଗ୍ରୀ ଇତ୍ୟାଦି ଷ୍ଟଲରେ ଲୋକେ କିଣାକିଣି କରିଥିବା ବେଳେ ବିଭିନ୍ନ ବିଭାଗରୁ ଲାଗିଥିବା ଷ୍ଟଲ ବୁଲି ଦର୍ଶକ ବେଶ ଖୁସି ଅନୁଭବ କରିଥିଲେ। ବରିଷ୍ଠ ସହାୟକ ବିଭୁଦତ ମିଶ୍ର ମଞ୍ଚ ପରିଚାଳନା କରିଥିବା ବେଳେ ଶଙ୍କର୍ଷଣ ପୁରୋହିତ ଓ ସୀମାଞ୍ଚଳ ମହାପାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ବୋଡେନରେ କ୍ରାନ୍ତିଯାତ୍ରା

ବୋଡେନ,୧୯।୧(ଡି.ଏନ.ଏ.)

କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ସୁନିତୀ ମୁଣ୍ଡଙ୍କ ନେତୃତ୍ୱରେ ଗୁରୁବାର ନୂଆପଡ଼ା ଜିଲା ବୋଡେନ ବିଜୁ ପଟ୍ଟନାୟକ ଜୁନିୟର କଲେଜଠାରୁ କ୍ରାନ୍ତିଯାତ୍ରା ବୋଡେନ ପରିକ୍ରମା କରିଥିଲା। ଶୋଭାଯାତ୍ରାରେ ବ୍ଲକ ପକ୍ଷରୁ ନୃପରାଜ ତାଣ୍ଡି, କିଶୋର ଚନ୍ଦ୍ର ନାଗ, ବେଣୁଧର ଜଗତ, ରୁଦ୍ର ପଟେଲ, ଫାଲଗୁନୀ ମାଝି, ପୁରୁନ୍ଦର ବାଗ, ହେମନ୍ତ ଯୋଷୀ, ଚନ୍ଦନ ପାତ୍ର, ପର୍ଶୁରାମ ମାଝି ପ୍ରମୁଖ ଅଂଶ ଗ୍ରହଣ କରିଥିଲେ। କ୍ରାନ୍ତିଯାତ୍ରା କଳାହାଣ୍ଡି ଓ ନୂଆପଡା ଜିଲାର ୧୮ଟି ବ୍ଲକର ଜନସାଧାରଣଙ୍କୁ ତାଙ୍କ ସାମ୍ବିଧାନିକ ଅଧିକାର କର୍ତ୍ତବ୍ୟ ଉପରେ ସଚେତନ କରିବେ ବୋଲି କଳାହାଣ୍ଡି ବିକାଶ ପରିଷଦ ଅଧକ୍ଷା ସୂଚନା ଦେଇଛନ୍ତି।

# ମହୋତ୍ସବ ପଡ଼ିଆଠାରେ ଦିଆଗଲା କରୋନା ଟିକା

ଖଡ଼ିଆଳ,୧୯।୧(ଡି.ଏନ.ଏ.)

ନୂଆପଡା ଜିଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଖଡ଼ିଆଳ ମହୋତ୍ସବ ଚାଲିଛି। ଏହି ଅବସରରେ ଖଡ଼ିଆଳ ମହୋତ୍ସବ ପଡିଆଠାରେ ଯଉଁମାନେ କରୋନା ଭ୍ୟାକସିନର ୨ୟ ଏବଂ ତୃତୀୟ ଡୋଜ ନେଇ ନାହାନ୍ତି ସେମାନଙ୍କୁ ୨ୟ ଏବଂ ତୃତୀୟ ଡୋଜ ଗୁରୁବାର ଦିଆଯାଇଛି। କରୋନା ଭ୍ୟାକସିନ ପାଇଁ ଜିଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏଥି ପାଇଁ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ଖଡିଆଳ ମହୋତ୍ସବ-୨୦୨୩ର ସ୍ୱାସ୍ଥ୍ୟ ବିଭାଗର ଷ୍ଟଲରେ ଏକ କ୍ୟାମ୍ପ କରାଯାଇଛି। ଏଠାରେ ଗୁରୁବାର ୨୮ଜଣଙ୍କୁ ଓ ଖଡ଼ିଆଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଠାରେ ୩୪ଜଣଙ୍କୁ ଟିକା ଦିଆଯାଇଛ। ପୂର୍ବାହ୍ନ ୧୦ଟାରୁ ଅପରାହ୍ନ ୫ଟା ପର୍ଯ୍ୟନ୍ତ ମାଗଣାରେ ୨ୟ ଏବଂ ତୃତୀୟ ଡୋଜ ଦିଆଯାଇଛି।

# ସିନାପାଲିରେ ଗାୟତ୍ରୀ ମହାଯଜ୍ଞ ଶୁଭାରମ୍ଭ

ସିନାପାଲି,୧୯।୧(ଡି.ଏନ.ଏ.)

ନୂଆପଡ଼ା ଜିଲା ସିନାପାଲିଠାରେ ଅଖିଳ ବିଶ୍ୱ ଗାୟତ୍ରୀ ପରିବାର ତତ୍ତ୍ୱାବଧାନ ଏବଂ ସିନାପାଲି ଗାୟତ୍ରୀ ଶକ୍ତିପୀଠ ଯଜ୍ଞର ମୁଖ୍ୟ ଯଜମାନ ଗଜାନନ ଅଗ୍ରୱାଲ ଓ ସୁନୀତା ଅଗ୍ରୱାଲ ମୁଖ୍ୟ କଳସ ଏବଂ ସିନାପାଲି ଶକ୍ତିପୀଠର ସଭାପତି ଶଶିଭୂଷଣ ମାଝି ଓ କାଞ୍ଚନ ମାଝି ଶକ୍ତି କଳସ ଧାରଣ କରି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ସ୍ଥାନରୁ ଆସିଥିବା ଘଣ୍ଟ, ସଂକୀର୍ତ୍ତନ, ଘୁମୁରା ଆଦି ପାରମ୍ପରିକ ସାଂସ୍କୃତିକ ଦଳ ସହ ବିଭିନ୍ନ ଅନୁଷ୍ଠାନ ପ୍ରଦର୍ଶନୀ ସାମିଲ ହୋଇଥିଲେ। ସକାଳୁ ସମସ୍ତେ ସ୍ଥାନୀୟ ଗାୟତ୍ରୀ ମନ୍ଦିରରୁ ଉଦନ୍ତୀ ନଦୀକୁ ଯାଇ ପୂର୍ଣ୍ଣ କଳସ ଧରି ଶୋଭାଯାତ୍ରାରେ ନଗର ପରିକ୍ରମା କରି ଯଜ୍ଞସ୍ଥଳରେ ପହଞ୍ଚିଥିଲେ। ଏହାପରେ ଶାନ୍ତିକୁଞ୍ଜ ହରିଦ୍ୱାରରୁ ଆସିଥିବା ପ୍ରଜ୍ଞା ପୁରୁଷ ପ୍ରଫେସର ପ୍ରମୋଦ ଭଟ୍ଟନାଗର, ବେଦ ଗବେଷକ ଗାୟତ୍ରୀ କିଶୋର ତ୍ରିବେଦୀ, ଡକ୍ଟର ଜିତେନ୍ଦ୍ର ମିଶ୍ରା ଓ ପ୍ରଭାରି ଶେଷଦେବ ବଗେ, ଉପପ୍ରଭାରି ପ୍ରଦୀପ ସାହୁଙ୍କ ଉପସ୍ଥିତିରେ ମହାଯଜ୍ଞ ଉଦଘାଟନୀ କରାଯାଇଥିଲ। ସନ୍ଧ୍ୟାରେ ଶାନ୍ତିକୁଞ୍ଜରୁ ଆସିଥିବା ଅନ୍ତର୍ଜାତୀୟ ଟୋଲି ଦ୍ୱାରା ଯୁଗ ସଙ୍ଗୀତ ଓ ପ୍ରଜ୍ଞା ପୁରାଣ କଥା ପ୍ରବଚନ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ଜିଲା ସମେତ ଛତିଶଗଡ଼ ଅଞ୍ଚଳରୁ ଆସିଥିବା ପ୍ରାୟ ପଚାଶ ହଜାର ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ପୋଲିସ ପକ୍ଷରୁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି।



ଆୟୋଜିତ ପୂର୍ଣ୍ଣ କଳସ ଓ ମଶାଲ ଶୋଭାଯାତ୍ରା।

# ବିଭିନ୍ନ ପ୍ରସଙ୍ଗରେ ଆଲୋଚନା

ଭବାନୀପାଟଣା,୧୯।୧(ସ୍ୱ.ପ୍ର.)

**୨ୟ ଦିଶା କମିଟି ବୈଠକ**

କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଜିଲା ପରିଷଦ ସମ୍ମିଳନୀ ଗୃହରେ ଗୁରୁବାର ୨ୟ ଦିଶା କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। କଳାହାଣ୍ଡି ଏମ୍‌ପି ବସନ୍ତ ପଣ୍ଡାଙ୍କ ଅଧକ୍ଷତାରେ ଦିଶା କମିଟି ଉପାଧକ୍ଷ ରାଜ୍ୟ ସଭା ସଦସ୍ୟ ସୁଜିତ୍ କୁମାର, ଜୁନାଗଡ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ଧର୍ମଗଡ ବିଧାୟକ ମୌଷଧି ବାଗ, ଜିଲା ପରିଷଦ ଅଧକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ଜିଲାପାଳ ପି ଅନ୍ୱେଷା ରେଡ୍ଡୀ, ଜିଲା ପରିଷଦ ଉପାଧକ୍ଷ ସୁଧିରା ମେହେର, ଅତିରିକ୍ତ ଜିଲାପାଳ ସୁଶାନ୍ତ ପଟେଲ, ସିଡିଓ ଜିଲା ପରିଷଦ ସଚିନ ପାୱାର, ସଦର ବିଧାୟକ ପ୍ରତିନିଧି ମନୋଜ ସାହୁ, ନର୍ଲା ବିଧାୟକ ପ୍ରତିନିଧି ସୁଧିର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ବୈଠକରେ ସମସ୍ତ ବ୍ଲକ ଅଧକ୍ଷ, ସରପଞ୍ଚ, ଜୁନାଗଡ, କେସିଙ୍ଗା, ଧର୍ମଗଡ ଏନ୍‌ଏସି ଅଧକ୍ଷ, ଭବାନୀପାଟଣା ପୌରପାଳିକା ଅଧକ୍ଷା, ଏନଜିଓ କର୍ମକର୍ତ୍ତା ଓ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ। ଜିଲାରେ କାର୍ଯ୍ୟକାରୀ ହେଉଥିବା କେନ୍ଦ୍ର ଓ ରାଜ୍ୟ ଯୋଜନାର ସଫଳ ରୂପାୟନ ଉପରେ ଗୁରୁତ୍ୱ ଦେଇ ଜନପ୍ରତିନିଧିଙ୍କ ବିଭିନ୍ନ ପ୍ରଶ୍ନ ଅଭିଯୋଗ ଉପରେ ଠିକ ମତ ରଖିବାକୁ ଜିଲାସ୍ତରୀୟ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଦିଶା ଅଧକ୍ଷ ପଣ୍ଡା କେନ୍ଦ୍ରୀୟ ଅନୁଦାନ ଓ ଖର୍ଚ୍ଚର ମୂଲ୍ୟାଙ୍କନ, ବିଭିନ୍ନ ସ୍କିମର ସଫଳତା ଓ ବିଫଳତା, ଲକ୍ଷ୍ୟ ଧାର୍ଯ୍ୟ ବିଫଳତାର କାରଣ ଓ ତର୍ଜମା ଉପରେ ଆଲୋଚନା କରିବା ପାଇଁ କହିବା ସହ ଏଜେଣ୍ଡା ପାଠ କରିବାକୁ ସମ୍ପୃକ୍ତ ଅଧିକାରୀଙ୍କୁ କହିଥିଲେ। ବୈଠକରେ ଏମପି ପଣ୍ଡା ବିଭିନ୍ନ କେନ୍ଦ୍ରୀୟ ଯୋଜନା ସମ୍ପର୍କିତ ଜିଲାସ୍ତରରେ ବିଭିନ୍ନ ବିଭାଗ ଦ୍ୱାରା କରାଯାଉଥିବା ସ୍କିମରେ ଲାଭ ପାଉଥିବା ହିତାଧିକାରୀ, ସ୍କିମର ଅଗ୍ରଗତି, ସଫଳତା, ଲକ୍ଷ୍ୟ ଧାର୍ଯ୍ୟ ପୂରଣ ନ ହେବା ଉପରେ ସମୀକ୍ଷା କରିଥିଲେ। ଜୁନାଗଡ ବିଧାୟକ ମିଶ୍ର ଜିଲାରେ ଏହି ଯୋଜନାର ସଫଳତା ହାସଲ ପାଇଁ ସମସ୍ତ ପଞ୍ଚାୟତ ସମିତି ଅଧକ୍ଷ, ସରପଞ୍ଚ ଓ ଜନପ୍ରତିନିଧି ନିଜ ଅଞ୍ଚଳର ବିକାଶ ପାଇଁ ଆଗଭର ହୋଇ ବିଭାଗୀୟ ଅଧିକାରୀଙ୍କୁ ଲକ୍ଷ୍ୟ ଧାର୍ଯ୍ୟ ପୂରଣ ପାଇଁ ସମନ୍ୱୟ ରଖିବାକୁ କହିଥିଲେ।

ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ଗ୍ରାମୀଣ)ରେ ୧୦୧୯୭୧ ଲକ୍ଷ୍ୟ ଧାର୍ଯ୍ୟରୁ ୯୧୦୭୪ ଜଣଙ୍କୁ ଘର ଯୋଗାଇ ଦିଆଯାଇଛି। ପ୍ରଧାନମନ୍ତ୍ରୀ ଆବାସ ଯୋଜନା ସହରୀରେ ଭବାନୀପାଟଣା, ଜୁନାଗଡ, ଧର୍ମଗଡ, କେସିଙ୍ଗା ଏନଏସି ଅଞ୍ଚଳରେ ୫୩୮୩ ଲକ୍ଷ୍ୟ ଧାର୍ଯ୍ୟରୁ ୨୯୩୫ ଜଣଙ୍କୁ ଘର ଆବଣ୍ଟନ କରାଯାଇଛି। ବୈଠକରେ ଦୁର୍ଗମ ଅଞ୍ଚଳରେ ମୋବାଇଲ ଓ ନେଟଟାୱାର, ଥୁଆମୂଳ ରାମପୁର ଅଞ୍ଚଳରେ ଅଧିକ ବ୍ୟାଙ୍କ ଶାଖା, ଭବାନୀପାଟଣା ବାଇପାସ ରୋଡ, ଟିଟିଲାଗଡ-ବିଜୟନଗରମ ତୃତୀୟ ରେଳପଥ ପାଇଁ ଜମି ଅଧିଗ୍ରହଣ, ଧାନ ସଂଗ୍ରହ, ଫସଲ ବୀମା ଉପରେ ମଧ ଆଲୋଚନା ହୋଇଥିଲା। ଶେଷରେ ରାଜ୍ୟ ସଭା ସଦସ୍ୟ ତଥା ଉପାଧକ୍ଷ ଦିଶା କମିଟି ସୁଜିତ୍ କୁମାର ଧନ୍ୟବାଦ ଦେଇଥିଲେ।





ଦିଶା କମିଟି ବୈଠକରେ ଉପସ୍ଥିତ ଅତିଥିବୃନ୍ଦ।

## ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ

ବୋଡେନ,(ଡି.ଏନ.ଏ.): ନୂଆପଡ଼ା ଜିଲା ବୋଡେନ ବିଜୁ ପଟ୍ଟନାୟକ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଛାତ୍ରୀଙ୍କ ଆତ୍ମରକ୍ଷା ତାଲିମ ଶିବିର ଉଦ୍‌ଘାଟିତ ହୋଇଯାଇଛି। ଅଧକ୍ଷ ହେମନ୍ତ କୁମାର ମୁଣ୍ଡଙ୍କ ଅଧକ୍ଷତାରେ ବିଡିଓ ପ୍ରିୟରଞ୍ଜନ କୁମାର ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ଶିବିର ଭାରପ୍ରାପ୍ତ ଅଧିକାରୀ ଅସରଫ୍ ଅଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧାପିକା ଦିପାଳି ଧାଙ୍ଗଡାମାଝି ଓ ସପ୍ନାରାଣୀ ସହଯୋଗ କରିଥିଲେ। ଏହି ଶିବିରକୁ ଲିଲିମା ବାରିକ, ପଲ୍ଲବି ବାଗ ଓ ମୌସୁମୀ ଜଗତ ପ୍ରଶିକ୍ଷିକା ଭାବେ ଶିବିର ପରିଚାଳନା କରିବେ। ଅଧାପିକା ଭୁମିସ୍ମିତା ନାଗ ଧନ୍ୟବାଦ ଦେଇଥିଲେ।

### ସଂକ୍ଷେପରେ

## ଫାଣ୍ଡି ଅଧିକାରୀ, ୨ କନଷ୍ଟେବଲ ନିଲମ୍ବିତ

### ଗଞ୍ଜେଇ ଚାଲାଣକାରୀଙ୍କୁ ଧରି ଛାଡ଼ି ଦେବା ଅଭିଯୋଗ

**ବୌଦ୍ଧ,୧୯।୧(ସ୍ୱ.ପ୍ର.):** ବୌଦ୍ଧ ଜିଲାରେ ଗଞ୍ଜେଇ ଚାଷ ପଛରେ ପୋଲିସର ସଂପୃକ୍ତିକୁ ନେଇ ସବୁବେଳେ ଅଭିଯୋଗ ହୋଇଆସୁଛି। ଗୁରୁବାର ଦିନ ୩ ଜଣ ପୋଲିସ କର୍ମଚାରୀଙ୍କ ବିରୋଧରେ ହୋଇଥିବା କାର୍ଯ୍ୟାନୁଷ୍ଠାନ ଏହି ଅଭିଯୋଗର ସତ୍ୟତାକୁ ପ୍ରମାଣିତ କରିଛି। ମିଳିଥିବା ସୂଚନା ମୁତାବକ, ଦୁଇଜଣ ଗଞ୍ଜେଇ ବ୍ୟବସାୟୀଙ୍କୁ ଧରି ଛାଡି ଦେଇଥିବା ଅଭିଯୋଗରେ ଜଣେ ଫାଣ୍ଡି ଅଧିକାରୀ ଓ ଦୁଇଜଣ କନଷ୍ଟେବଲଙ୍କୁ ଜିଲା ଆରକ୍ଷୀ ଅଧୀକ୍ଷକ ପ୍ରହଲ୍ଲାଦ ସହାଇ ମିନା ନିଲମ୍ବିତ କରିଛନ୍ତି। ଗତ ୧୬ ତାରିଖ ଦିନ ବଡଗୋଛାପଡା ଗ୍ରାମର ଚନ୍ଦନ ପ୍ରଧାନ ଓ ସରଜିତ ମଲ୍ଲିକ ଏକ ମୋଟରସାଇକେଲ ଯୋଗେ ଗଞ୍ଜେଇ ଚାଲାଣ କରୁଥିବା ବେଳେ ବେରେଡାବାଡି ଛକ ନିକଟରୁ ବଘିଆପଡା ଫାଣ୍ଡି ଅଧିକାରୀ ସନାତନ ପ୍ରଧାନ ଓ ଦୁଇଜଣ କନଷ୍ଟେବଲ ସଞ୍ଜୀବ କୁମାର ପ୍ରଧାନ ଓ କେଶବ ପ୍ରଧାନ ସେମାନଙ୍କୁ ଧରିଥିଲେ। କିନ୍ତୁ ପରେ ଛାଡି ଦେଇଥିଲେ। ଏପରି କି ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହୋଇ ନ ଥିବା ବେଳେ ଦୁଇଟି ବ୍ୟାଗରେ ଥିବା ଜବତ ଗଞ୍ଜେଇକୁ ପୋଲିସ କର୍ମଚାରୀମାନେ ନେଇ ନିଜ ସରକାରୀ କ୍ୱାର୍ଟରରେ ରଖିଥିଲେ। ଏ ସଂପର୍କରେ ଜିଲା ଆରକ୍ଷୀ ଅଧୀକ୍ଷକ ମିନା ଜାଣିବା ପରେ ବୌଦ୍ଧ ଥାନା ଅଧିକାରୀ ମାଧବାନନ୍ଦ ନାଏକଙ୍କୁ ଘଟଣାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିଲେ। ପୋଲିସ କର୍ମଚାରୀଙ୍କ ସରକାରୀ କ୍ୱାର୍ଟରରୁ ଦୁଇଟି ବ୍ୟାଗରେ ଥିବା ୧୩ କିଲୋ ଗଞ୍ଜେଇ ସହ ଏକ ମୋଟରସାଇକେଲ ଉଦ୍ଧାର ହେବା ପରେ ଫାଣ୍ଡି ଅଧିକାରୀ ଓ ଦୁଇ କନଷ୍ଟେବଲଙ୍କୁ ଆରକ୍ଷୀ ଅଧୀକ୍ଷକ ନିଲମ୍ବିତ କରିବା ସହିତ ମାମଲାର ତଦନ୍ତ ପାଇଁ ନିର୍ଦ୍ଦେଶ ଦେଇଥିବା ଜଣାଯାଇଛି। ତଦନ୍ତ ପରେ କର୍ତ୍ତବ୍ୟରେ ଅବହେଳା କରିଥିବା ପୋଲିସ କର୍ମଚାରୀଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଆରକ୍ଷୀ ଅଧୀକ୍ଷକ ମିନା ପ୍ରକାଶ କରିଛନ୍ତି।

## ବଜରଙ୍ଗ ଦଳ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ

**ବୌଦ୍ଧ,୧୯।୧(ସ୍ୱ.ପ୍ର.):** ଦେଶରେ ହିନ୍ଦୁମାନଙ୍କ ଉପରେ ବାରମ୍ବାର ଆକ୍ରମଣ କରାଯାଉଥିବା ଘଟଣା ଦେଖିବାକୁ ମିଳୁଛି। ଏନେଇ ବୌଦ୍ଧ ଜିଲା ବଜରଙ୍ଗ ଦଳ ପକ୍ଷରୁ ଉଦ୍‌ବେଗ ପ୍ରକାଶ କରାଯିବା ସହିତ ଜିଲାପାଳଙ୍କ ଜରିଆରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ବୁଧବାର ଦିନ ପ୍ରଦାନ କରାଯାଇଛି। ବଜରଙ୍ଗ ଦଳ ପକ୍ଷରୁ ଜିଲା ସଭାପତି ସମ୍ବିତ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏକ ପ୍ରତିନିଧିମଣ୍ଡଳୀ ଜିଲାପାଳ ସତ୍ୟ ରଞ୍ଜନ ସାହୁଙ୍କୁ ସାକ୍ଷାତ କରି ଏହି ଦାବିପତ୍ର ପ୍ରଦାନ କରିଛନ୍ତି। ଏହି ପ୍ରତିନିଧି ମଣ୍ଡଳୀରେ ପ୍ରେମାନନ୍ଦ ମିଶ୍ର,ଆଶୁତୋଷ ଦାଶ ପ୍ରମୁଖ ସାମିଲ ଥିଲେ। ସୂଚନାଯୋଗ୍ୟ, ଦେଶର ବିଭିନ୍ନ ସ୍ଥାନରେ ୯ ଜଣ ହିନ୍ଦୁଙ୍କୁ ହତ୍ୟା କରାଯାଇ ଥିବା ବେଳେ ୩୨ ଜଣ ଆକ୍ରମଣରେ ଗୁରୁତର ଭାବରେ ଆହତ ହୋଇଛନ୍ତି।

# ଖାଲଖମାରେ ଭର୍ତ୍ତି ମହାନଦୀ ସେତୁ

**ବୌଦ୍ଧ,୧୯।୧(ସ୍ୱ.ପ୍ର.)**

ବୌଦ୍ଧ କିଆକଟା ମହାନଦୀ ସେତୁ ପାଲଟିଛି ମରଣଯନ୍ତା। ବୌଦ୍ଧ ସହରର ଦ୍ରୁତ ବିକାଶ ଓ ସୌନ୍ଦର୍ଯ୍ୟକରଣକୁ ପ୍ରାଧାନ୍ୟ ଦିଆଯାଇ ବିଭିନ୍ନ କାର୍ଯ୍ୟକ୍ରମ ଚାଲିଛି। ହେଲେ ବୌଦ୍ଧବାସୀଙ୍କ ଗର୍ବ ପାଲଟି ଥିବା ବୌଦ୍ଧ କିଆକଟା ମହାନଦୀ ସେତୁ ବର୍ତ୍ତମାନ ଛୋଟବଡ ଖାଲଖମାରେ ଭର୍ତ୍ତି ହୋଇଥିବା ଦେଖିବାକୁ ମିଳିଛି। ଏହି ସେତୁ ନିର୍ମାଣ ପରେ ପଶ୍ଚିମ ଓଡ଼ିଶା, ଦକ୍ଷିଣ ଓଡ଼ିଶା ଓ ପୂର୍ବ ଓଡିଶା ମଧ୍ୟରେ ସିଧାସଳଖ ସଂପର୍କ ସୃଷ୍ଟି ହୋଇଥିଲା।


ମହାନଦୀ ସେତୁରେ ସୃଷ୍ଟି ହୋଇଥିବା ଖାଲ।

ପ୍ରାୟ ଦୁଇ କିଲୋମିଟର ଲମ୍ବ ବିଶିଷ୍ଟ ଏହି ସେତୁ ସେତେବେଳେ ମହାନଦୀ ଉପରେ ଦ୍ୱିତୀୟ ଦୀର୍ଘତମ ସେତୁ ଭାବରେ ମାନ୍ୟତା ପାଇଥିଲା। ବର୍ତ୍ତମାନ କଟକ–ସମ୍ବଲପୁର ରାସ୍ତା ନିର୍ମାଣ କାମ ଚାଲିଥିବା ଯୋଗୁ ଏହି ସେତୁ ଦେଇ ଦୈନିକ ପ୍ରାୟ ୫ ହଜାରରୁ ଉର୍ଦ୍ଧ୍ୱ ଯାନ ଚଳାଚଳ କରୁଛି। ଜାତୀୟ ରାଜପଥ ବିଭାଗ ପକ୍ଷରୁ ବାରମ୍ବାର ମରାମତି କରାଯାଉଥିଲେ ମଧ୍ୟ କିଛି ଦିନ ପରେ ପୁଣି ଖାଲ ସୃଷ୍ଟି ହେଉଛି। ଫଳରେ ପ୍ରତିଦିନ ଦୁର୍ଘଟଣା ଘଟି ଅନେକ ଧନ ଜୀବନ ହାନି ହେଉଛି। ତୁରନ୍ତ ବୌଦ୍ଧ କିଆକଟା ସେତୁ ଉପରେ ବିପଦଜନକ ଭାବରେ ବାହାରି ରହିଥିବା ଛଡ ଓ ସୃଷ୍ଟି ହୋଇଥିବା ବଡ ବଡ ଖାଲର ତୁରନ୍ତ ମରାମତି କରାଯିବାକୁ ସାଧାରଣରେ ଦାବି ହେଉଛି।

## ଜିଲାପାଳଙ୍କ କାର୍ଯ୍ୟାଳୟ ଧସେଇ ପଶିଲେ ଚାଷୀ



ସୁବର୍ଣ୍ଣପୁର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତା ବିକ୍ଷୋଭ ପ୍ରଦର୍ଶନ କରୁଛନ୍ତି।

**ସୋନପୁର,୧୯।୧(ନି.ପ୍ର.)**

ସୁବର୍ଣ୍ଣପୁର ଜିଲାର ଚାଷୀ ସମସ୍ୟାକୁ ନେଇ ନବନିର୍ମାଣ କୃଷକ ସଂଗଠନ ପକ୍ଷରୁ ଗୁରୁବାର ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି। ମଣ୍ଡି ବ୍ୟବସ୍ଥାର ସୁଧାର, ସରକାର ଦେଉଥିବା ମଣ୍ଡି ହେଣ୍ଡଲିଂ ଟଙ୍କାର ସଦ୍‌ଉପଯୋଗ କରିବା, କଟ୍‌ନୀ ଛଟ୍‌ନୀ ବନ୍ଦ କରିବା, ଧାନ ବିକ୍ରି ପାଇଁ ଟାର୍ଗେଟ୍ ଠିକ୍ ସମୟରେ ମିଳିବା, ସ୍ପିନିଂ ମିଲ୍‌କୁ ଠିକ୍ ଭାବେ କାର୍ଯ୍ୟକ୍ଷମ କରାଇବା, ଜିଲାରେ କୃଷିଭିତ୍ତିକ ଶିଳ୍ପ ପ୍ରତିଷ୍ଠା, ହରିହର ଯୋର ଜଳସେଚନ ପ୍ରକଳ୍ପରୁ ଚାଷୀଙ୍କୁ ପାଣି ଯୋଗାଇବା ଓ ମାଙ୍କଡଙ୍କ ଉତ୍ପାତ କାରଣରୁ ବ୍ୟାପକ ଫସଲ ନଷ୍ଟ ହେଉଥିବାରୁ ତାର ପ୍ରତିକାର ସମେତ ୧୦ ଦଫା ଦାବି ନେଇ କୃଷକ ସଂଗଠନ ପକ୍ଷରୁ ଆନ୍ଦୋଳନ କରାଯାଇଥିଲା। ଟାର୍ଗେଟ୍ ନ ଥିବା ଯୋଗୁ କେତେକ ମଣ୍ଡିରେ ଚାଷୀ ଧାନ ବିକ୍ରି କରି ପାରୁ ନ ଥିବା ସଂଗଠନର କର୍ମକର୍ତ୍ତା ଅଭିଯୋଗ କରିଥିଲେ। ତେବେ କୃଷକଙ୍କ ଆନ୍ଦୋଳନ ସମୟରେ ଜିଲାପାଳ ଅବୋଲି ସୁନିଲ ନରୱଣେ କାର୍ଯ୍ୟାଳୟରେ ଉପସ୍ଥିତ ନ ଥିଲେ। ସୁରକ୍ଷା ବ୍ୟବସ୍ଥାରେ କୌଣସି ପୋଲିସ କର୍ମଚାରୀ ନିୟୋଜିତ ନ ଥିଲେ। ଏଭଳି ସ୍ଥିତିରେ ନବନିର୍ମାଣ କୃଷକ ସଂଗଠନର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଲୋଗାନ ଦେଇ ଜିଲାପାଳଙ୍କ କାର୍ଯ୍ୟାଳୟ ଭିତରକୁ ଧସେଇ ପଶିଥିଲେ। ପରେ ସଂଗଠନର କର୍ମକର୍ତ୍ତାମାନେ ଅତିରିକ୍ତ ଜିଲାପାଳ ସୂର୍ଯ୍ୟନାରାୟଣ ଦାଶଙ୍କ ସହିତ ବିଭିନ୍ନ ସମସ୍ୟା ବିଷୟରେ ଆଲୋଚନା କରିବା ସହିତ ସ୍ମାରକପତ୍ର ପ୍ରଦାନ କରିଥିଲେ। ସଂଗଠନର ରାଜ୍ୟ ଉପଦେଷ୍ଟା ରାଜେନ୍ଦ୍ର ମିଶ୍ର, ସୁବର୍ଣ୍ଣପୁର ଜିଲା ସଂଯୋଜକ ବିଶେଶ୍ୱର ପାଣିଗ୍ରାହୀ, ପ୍ରଭାରୀ ପ୍ରଦ୍ୟୁମ୍ନ କୁମାର ପାଢୀ, ବ୍ରଜବିହାରୀ ବିଶି, ସୁଦର୍ଶନ ପାତ୍ର, ଧନେଶ୍ୱର ନାଏକ, ବାସୁଦେବ ପର୍ଡିଆ ଓ ଶିବ ପ୍ରସାଦ ପଣ୍ଡା ପ୍ରମୁଖ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

## ଆନ୍ତଃରାଜ୍ୟ ହକି ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

**ଉଲୁଣ୍ଡା,୧୯।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ ଗିନ୍ଦିଲାମାଲଠାରେ ୩୬ତମ ଆନ୍ତଃରାଜ୍ୟ ହକି ଟୁର୍ଣ୍ଣାମେଣ୍ଟ ଗୁରୁବାର ଉଦ୍‌ଘାଟିତ ହୋଇଯାଇଛି। ଉଲୁଣ୍ଡା ଯୁବ ମହାସଂଘ, ବ୍ଲକ ସ୍ପୋଟସ୍ ଆସୋସିଏଶନ ଏବଂ ଆଦିବାସୀ ବିକାଶ କ୍ଲବର ମିଳିତ ଆନୁକୂଲ୍ୟରେ ଆୟୋଜିତ ଏହି ହକି ଟୁର୍ଣ୍ଣାମେଣ୍ଟକୁ ବିଡିଓ ହେମସାଗର ଭୋଇ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବରେ ସମିତି ସଭ୍ୟା ପଦ୍ମାବତୀ ନାଏକ, ଯୁବ ମହାସଂଘର ସଭାପତି ମହେଶ ରଞ୍ଜନ ପୁରୋହିତ, ଅନିଲ କୁମାର ସାହୁ ଏବଂ ମହାଜନ ପଧାନ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ପ୍ରଥମ ମ୍ୟାଚରେ ଗଇଲଚରାକୁ ହରାଇ ଏସ ପତ୍ରପାଲି, ଦ୍ୱିତୀୟ ମ୍ୟାଚରେ ସାହାଜଖୋଲକୁ ହରାଇ ଦକ୍ଷିଣୀପାଲି, ତୃତୀୟ ମ୍ୟାଚରେ ସତ୍ୟାନନ୍ଦପାଲିକୁ ହରାଇ ବୁଢୀଝରନ, ଚତୁର୍ଥ ମ୍ୟାଚରେ ବୁଢିଝରନକୁ ହରାଇ ଗିନ୍ଦିଲାମାଲ ଏବଂ ଭାଲୁଡୁଙ୍ଗୁରିକୁ ହରାଇ ଲମତୁଲ ଦଳ ବିଜୟୀ ହୋଇଥିଲା। ଖେଳକୁ ନିଆଲନ ଟାପୋ ଏବଂ ଜୋହନ ବାର୍ଲା ପରିଚାଳନା କରିଥିଲେ। ଶେଷରେ ଘୋଷନାର କାଣ୍ଡୁଲାନା ଧନ୍ୟବାଦ ଦେଇଥିଲେ।

## ଗମ୍ଭାରୀପାଲି ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ଉଦ୍‌ଯାପିତ


କଂସବଧର ଦୃଶ୍ୟ।

**ଡୁଙ୍ଗୁରିପାଲି,୧୯।୧(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକ ଅନ୍ତର୍ଗତ ଗମ୍ଭାରୀପାଲି ଆଞ୍ଚଳିକ ଧନୁଯାତ୍ରା ମହୋତ୍ସବ ବୁଧବାର ବିଳମ୍ବିତ ରାତିରେ ଉଦ୍‌ଯାପିତ ହୋଇଯାଇଛି। ୭ ଦିନ ଧରି ଚାଲିଥିବା ଧନୁଯାତ୍ରା ମହୋତ୍ସବର ଉଦ୍‌ଯାପନୀ ଦିବସ ରେ ରାଜକୀୟ ଅତିଥି ଭାବେ ପୂର୍ବତନ ଜିଲା ପରିଷଦ ଅଧକ୍ଷ ହିମାଂଶୁ ଶେଖର ବିଶ୍ୱାଳ, ଡୁଙ୍ଗୁରିପାଲି ସରପଞ୍ଚ ଚିତ୍ତରଞ୍ଜନ ମିଶ୍ର ଯୋଗଦେଇ ରାଜଦରବାରରେ ବିଭିନ୍ନ ଭୂମିକାରେ ଅଭିନୟ କରୁଥିବା କଳାକାରମାନଙ୍କୁ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରିଥିଲେ। କଂସ ଭୂମିକାରେ ଅଭିନୟ କରିଥିବା ପଶ୍ଚିମ ଓଡିଶାର ଜଣାଶୁଣା ମଞ୍ଚ କଳାକାର ଡୁଙ୍ଗୁରିପାଲି ବ୍ଲକ ରାମପୁର ସାରସମାଲ ଗ୍ରାମର ମନୋରଞ୍ଜନ ଚିରଗୁଣଙ୍କୁ କମିଟି ପକ୍ଷରୁ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। କଂସ ମହାରାଜ କମିଟିର ସଦସ୍ୟମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୭ ଦିନ ଧରି କଂସ ଦରବାରକୁ ଯାତ୍ରା କମିଟିର ସଭାପତି ଜଗନ୍ନାଥ ପୂଜାରୀ ସୁଚାରୁ ରୂପେ ପରିଚାଳନା କରିଥିଲେ। ପୁରାଣ କଥାବସ୍ତୁକୁ ନେଇ ଆଧାରିତ ଏହି ଧନୁଯାତ୍ରା ମହୋତ୍ସବରେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାଜଦରବାରରେ ମହାମନ୍ତ୍ରୀ ଭୂମିକାରେ ବିଜି ସାଣ୍ଢ ଅଭିନୟ କରିଥିଲେ। ମୁଷ୍ଟିକ, ଚାଣୁର, ସେନାପତି ସିଂହଧ୍ୱଜ,ସେନାପତି ହଂସଧ୍ୱଜ, କେଶୀଦୈତ୍ୟଙ୍କ ବଧ ହୋଇଥିଲା। କଂସ ବଧ ହେଲା ପରେ କୃଷ୍ଣ ବଳରାମ ଓ ଅକ୍ରୁର ଉଗ୍ରସେନ ମହାରାଜାଙ୍କୁ ରାଜାଭିଷେକ କରିଥିଲେ। ଏହାକୁ ଦେଖିବା ପାଇଁ ଯାତ୍ରା ପଡିଆରେ ଦର୍ଶକଙ୍କ ଭିଡ ଲାଗି ରହିଥିଲା। ଶେଷ ଦିବସରେ କଂସ ଦରବାରରେ ଗୁଡ୍ଡୁ ଏନ ସମ୍ବଲପୁରୀ ଅର୍କେଷ୍ଟ୍ରା ଦୁଷନ୍ତ ସୁନା, ଭକ୍ତ ପଧାନ ପାର୍ଟି ପରିବେଷଣ ହୋଇଥିଲା। ଧନୁଯାତ୍ରା ମହୋତ୍ସବରେ କମିଟିର ସମ୍ପାଦକ ସୁବାଷ ମଲ୍ଲିକ, ଦଶରଥ ବିଶି, ଦୀନବନ୍ଧୁ ବରିହା, ସୁରେନ୍ଦ୍ର ବରିହା, ଶରତ ଚନ୍ଦ୍ର ବରିହା, ପୁରାନ ମଲ୍ଲିକ, ଜଗନ୍ନାଥ ସେଠ, ଗୁଣନିଧି ଦୀପଙ୍କ ସମେତ ଯାତ୍ରା କମିଟିର ସମସ୍ତ ସଦସ୍ୟ ଓ ଗ୍ରାମବାସୀ ଉପସ୍ଥିତ ରହି ସହଯୋଗ କରିଥିଲେ। ଶେଷରେ ଜଗନ୍ନାଥ ପୂଜାରୀ ଧନ୍ୟବାଦ ଅର୍ପଣ କରିଥିଲେ।

## ଦୈନିକ ବଜାର ସ୍ଥାନାନ୍ତର ନିଷ୍ପତ୍ତିର ପୁର୍ନବିଚାର ପାଇଁ ଆଲୋଚନା


ଏନଏସି ଅଧକ୍ଷ ଓ କାଉନସିଲର ଜିଲାପାଳଙ୍କୁ ଭେଟି ଅନୁରୋଧ କରୁଛନ୍ତି।

**ବୌଦ୍ଧ,୧୯।୧(ସ୍ୱ.ପ୍ର.)**

ବୌଦ୍ଧ ସହରର ନୂଆଁସାହିଠାରେ ଆରଏମସି ପକ୍ଷରୁ ନିର୍ମାଣ କରାଯାଇଥିବା ଆଦର୍ଶ ବିଜୁ କୃଷକ ବଜାରଠାରେ ଦୈନିକ ବଜାର ବସିବା ପାଇଁ ଜିଲା ପ୍ରଶାସନର ନିର୍ଦ୍ଦେଶନାମା ଜାରି ହେବା ପରେ ଏହି ନିଷ୍ପତ୍ତିର ପୁନଃବିଚାର କରିବାକୁ ଗୁରୁବାର ଦିନ ଜିଲାପାଳଙ୍କ ସହ ଆଲୋଚନା ହୋଇଛି। ଏନଏସି ଅଧକ୍ଷ ମୃତ୍ୟୁଞ୍ଜୟ ମିଶ୍ରଙ୍କ ନେତୃତ୍ୱରେ ପରିଷଦର କାଉନସିଲରମାନେ ଜିଲାପାଳଙ୍କୁ ଭେଟି ଜୋର ଜବରଦସ୍ତ ଚାଷୀ ଓ ବ୍ୟବସାୟୀମାନଙ୍କୁ ବୁଦ୍ଧଦେବ ପଡିଆରୁ ନ ହଟାଇବାକୁ ଅନୁରୋଧ କରାଯାଇଛି। ବାହାରିପଡା (ଡେଲିମାର୍କେଟ)ଠାରେ ପୂର୍ବରୁ ଦୈନିକ ବଜାର ବସି ଆସୁଥିଲା। କୋଭିଡ ମହାମାରୀ ସମୟରେ ସଂକ୍ରମଣ ଆଶଙ୍କା କରି ରାଜବାଟୀ ନିକଟସ୍ଥ ବୁଦ୍ଧଦେବ ପଡିଆରେ ଦୈନିକ ବଜାର ବସି ଆସୁଛି। ବର୍ତ୍ତମାନ ସେଠାରୁ ବ୍ୟବସାୟୀ ଓ ଚାଷୀମାନଙ୍କୁ ଆଦର୍ଶ ବିଜୁ କୃଷକ ବଜାରକୁ ସ୍ଥାନାନ୍ତରିତ କରିବା ପାଇଁ ପ୍ରଶାସନ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ଦୈନିକ ବଜାରକୁ ସ୍ଥାନାନ୍ତରିତ କରାଗଲେ ଖାଉଟି ବିଶେଷ ଭାବରେ ହଇରାଣ ହେବେ। ଗୋଟିଏ ପ୍ରାନ୍ତରରୁ ଆଉ ଏକ ପ୍ରାନ୍ତରକୁ କିଣିବାକୁ ଆସିବେ। ବ୍ୟବସାୟୀମାନେ ମଧ୍ୟ ହଇରାଣ ହେବେ। ବୁଦ୍ଧଦେବ ପଡିଆ ସହରର କେନ୍ଦ୍ରସ୍ଥଳରେ ରହୁଥିବାରୁ ଖାଉଟି ଓ ବ୍ୟବସାୟୀଙ୍କୁ ସୁବିଧା ହେଉଛି। ତେଣୁ ଦୈନିକ ବଜାର ସ୍ଥାନା'ର କରିବା ନିର୍ଦ୍ଦେଶକୁ ପୁର୍ନବିଚାର କରିବାକୁ ଜିଲାପାଳଙ୍କ ଠାରେ ନିବେଦନ କରିଛନ୍ତି।

## ବୀରମହାରାଜପୁରର ଖେଳାଳି ହାସଲ କଲେ ୮ ପଦକ

**ଅମରପାଲି,୧୯।୧(ଡି.ଏନ.ଏ.)**


ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତାରେ ବୀରମହାରାଜପୁର ଟିମ୍।

### ରାଜ୍ୟସ୍ତରୀୟ ଟାଏକୋଣ୍ଡୋ ପ୍ରତିଯୋଗିତା

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଏହେସାସ ଟାଏକୋଣ୍ଡୋ ଏକାଡେମୀର ଖେଳାଳିଙ୍କୁ ମିଳିଛି ସଫଳତା। ରାଜ୍ୟସ୍ତରୀୟ ଅଫିସିଆଲ ଟାଏକୋଣ୍ଡୋ ଚାମ୍ପିଆନସିଶରେ ଖେଳାଳିଙ୍କୁ ଏହି ସଫଳତା ମିଳିଥିଲା। ଓଡିଶା ଟାଏକୋଣ୍ଡୋ ସଂଘ ପକ୍ଷରୁ ପୁରୀଠାରେ ଆୟୋଜିତ ଏହି ପ୍ରତିଯାଗିତାରେ ଏହେସାସ ଟାଏକୋଣ୍ଡୋ ଏକାଡେମୀର ଅନ୍ତର୍ଜାତୀୟ କୋଚ ଏହେସାସ ହୋତାଙ୍କ ନେତୃତ୍ୱରେ ମୋଟ ୧୭ ଜଣ ଖେଳାଳି ବିଭିନ୍ନ ବର୍ଗରେ ଯୋଗ ଦେଇଥିଲେ। ତେବେ ସେମାନଙ୍କ ମଧ୍ୟରୁ ଅନ୍ୱେଷ ହୋତା ଏବଂ ହର୍ଷିତା ନାୟକଙ୍କୁ ସ୍ୱର୍ଣ୍ଣ, ପ୍ରିୟଦର୍ଶନ କର, ହରିପ୍ରିୟା ମିଶ୍ର, ବିଶ୍ୱନାଥ ଭୋଇ ଏବଂ ଦେବାଶିଷ ଚରଣ ନାୟକଙ୍କୁ ରୌପ୍ୟ ପଦକ ମିଳିଥିବା ବେଳେ କ୍ରୀଷ କୁଦେଇ ଏବଂ ପ୍ରୀତିଶ କର୍ଣ୍ଣଙ୍କୁ କାଂସ୍ୟ ପଦକ ମିଳିଛି। ଖେଳାଳିଙ୍କ ଏହି ସଫଳତା ପରେ ରାଜ୍ୟ ଟାଏକୋଣ୍ଡୋ ସଂଘର ସମ୍ପାଦକ ମନମୋହନ ଭଞ୍ଜ, ଜିଲା ଟାଏକୋଣ୍ଡୋ ସଂଘର ସଭପତି ରବୀନ୍ଦ୍ର ହୋତା,ବରିଷ୍ଠ କ୍ରୀଡାବିତ୍ ପୀତାମ୍ବର ସାହୁ, ଯୁଗଳ କିଶୋର ମିଶ୍ର, ଜିଲା ଟାଏକୋଣ୍ଡୋ ସଂଘର ଆଇନ ପରାମର୍ଶଦାତା ଶେଷଦେବ ବାରିକ ପ୍ରମୁଖ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

## ମହୋତ୍ସବ ପଡ଼ିଆଠାରେ ଦିଆଗଲା କରୋନା ଟିକା

**ଖଡ଼ିଆଳ,୧୯।୧(ଡି.ଏନ.ଏ.)**

ନୂଆପଡା ଜିଲା ଖଡ଼ିଆଳ ରାଜା ଅର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ଖେଳ ପଡିଆଠାରେ ଖଡ଼ିଆଳ ମହୋତ୍ସବ ଚାଲିଛି। ଏହି ଅବସରରେ ଖଡ଼ିଆଳ ମହୋତ୍ସବ ପଡିଆଠାରେ ଯଉଁମାନେ କରୋନା ଭ୍ୟାକସିନର ୨ୟ ଏବଂ ତୃତୀୟ ଡୋଜ ନେଇ ନାହାନ୍ତି ସେମାନଙ୍କୁ ୨ୟ ଏବଂ ତୃତୀୟ ଡୋଜ ଗୁରୁବାର ଦିଆଯାଇଛି। କରୋନା ଭ୍ୟାକସିନ ପାଇଁ ଜିଲା ସାସ୍ଥ୍ୟ ବିଭାଗ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଛି। ଏଥି ପାଇଁ ରାଜା ଆର୍ତ୍ତତ୍ରାଣ ଉଚ୍ଚ ବିଦ୍ୟାଳୟ ପଡିଆଠାରେ ଚାଲିଥିବା ଖଡିଆଳ ମହୋତ୍ସବ–୨୦୨୩ର ସାସ୍ଥ୍ୟ ବିଭାଗର ଷ୍ଟଲରେ ଏକ କ୍ୟାମ୍ପ କରାଯାଇଛି।

## ଝାରସୁଗୁଡ଼ା ସେମିଫାଇନାଲରେ

**ବୌଦ୍ଧ,୧୯।୧(ସ୍ୱ.ପ୍ର.)**

### ୫ମ ରାଜ୍ୟସ୍ତରୀୟ ପରଗଲପୁର କପ୍ ଫୁଟବଲ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନ

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପରଗଳପୁର ତସରା ଖେଳପଡିଆରେ ବୁଦ୍ଧଦେବ କ୍ଲବ ଆନୁକୂଲ୍ୟରେ ୫ମ ରାଜ୍ୟସ୍ତରୀୟ ପରଗଳପୁର କପ ଫୁଟବଲ ପ୍ରତିଯୋଗିତାର ଗୁରୁବାର ଥିଲା ଦ୍ୱିତୀୟ ଦିନ। ଦ୍ୱିତୀୟ ଦିନ ଖେଳ ଜୟଦୁର୍ଗା କ୍ଲବ ଝାରସୁଗୁଡା ଓ ସୁଜିତ ଫୁଟବଲ କ୍ଲବ ଫୁଲବାଣୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳ ବହୁ ଚିତ୍ତାକର୍ଷକ ହୋଇଥିବା ବେଳେ ଉଭୟ ଦଳ ଗୋଟିଏ ଗୋଟିଏ ଗୋଲ ଦେଇ ସମାନ ସ୍ଥିତିରେ ରହିଥିଲେ। ଶେଷରେ ଟ୍ରାଇବେକ୍ରର ଜରିଆରେ ଝାରସୁଗୁଡା ଦଳ ୪–୨ ଗୋଲରେ ବିଜୟୀ ହୋଇ ସେମି ଫାଇନାଲରେ ପ୍ରବେଶ କରିଛି। ମୁଖ୍ୟଅତିଥି ଭାବେ ରାମଗଡ ଉଚ୍ଚ ବିଦ୍ୟାଳୟର ଖେଳ ଶିକ୍ଷକ ଦାଶରଥି ଭୋଇ, ସମ୍ମାନିତ ଅତିଥି ଭାବେ ପରଗଳପୁର ଗ୍ରାମ୍ୟ କମିଟି ସଭାପତି ବସୁଦେବ ପ୍ରଧାନ, ନରେଶ ସେଠୀ ଯୋଗଦେଇ ଖେଳାଳିମାନଙ୍କୁ ଉତ୍ସାହିତ କରିଥିଲେ। ଖେଳକୁ ରେଫରି ସୁଜିତ ରାଜହଂସ, ପ୍ରତାପ ପ୍ରଧାନ, ଏପି ସାହୁ, ପରିଚାଳନା କରିଥିବା ବେଳେ ଚତୁର୍ଥ ରେଫରି ଭାବେ ରଜତ ଖାରି କାର୍ଯ୍ୟ ତୁଲାଇଥିଲେ। ଏହି ଖେଳ ବୁଦ୍ଧଦେବ କ୍ଲବର ସ୍ୱାଧୀନ ଦୀପ, ନଗେନ ଦୀପ, ଜୟନ୍ତ ଖମାରୀ, ଟୁକୁନ ସେଠୀ ଓ କ୍ଲବର ସମସ୍ତ ସଦସ୍ୟଙ୍କ ସହଯୋଗରେ ଆୟୋଜିତ ହେଉଛି। ଶୁକ୍ରବାର ଦିନ ଟୁର୍ଣ୍ଣାମେଣ୍ଟର ପ୍ରଥମ ସେମିଫାଇନାଲ ଖେଳ ଜୟଦୁର୍ଗା କ୍ଲବ ଝାରସୁଗୁଡା ଓ ବୌଦ୍ଧ ଜିଏମସି ମଧ୍ୟରେ ଅନୁଷ୍ଠିତ ହେବ।


ଅତିଥି ଓ ଖେଳାଳି।

## ଶ୍ରୀରାମ ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ

**ଏସ ରାମପୁର,୧୯।୧ (ଡି.ଏନ.ଏ.)**


ଉତ୍ସବରେ ଉପସ୍ଥିତ ଅତିଥିବୃନ୍ଦ।

ସୁବର୍ଣ୍ଣପୁର ଜିଲା ଡୁଙ୍ଗୁରିପାଲି ବ୍ଲକସ୍ଥିତ ଶ୍ରୀରାମ ମହାବିଦ୍ୟାଳୟର ୪୪ତମ ବାର୍ଷିକ ଉତ୍ସବ ଅଧକ୍ଷ ତରଣୀ ସେନ ବେହେରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ଅର୍ଥ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀ ନିରଞ୍ଜନ ପୂଜାରୀ ଯୋଗଦେଇ ଓବିସି ଛାତ୍ରୀ ନିବାସ ନିର୍ମାଣ ପାଇଁ ୨.୦୮ କୋଟି ଅର୍ଥରାଶି ପ୍ରଦାନ କରାଯିବ ବୋଲି ଘୋଷଣା କରିଥିଲେ। ସମ୍ମାନିତ ଅତିଥି ଭାବେ ଉଚ୍ଚ ଶିକ୍ଷାମନ୍ତ୍ରୀ ରୋହିତ ପୂଜାରୀ, ଭଟଲି ବିଧାୟକ ସୁଶାନ୍ତ ସିଂ, ବରଗଡ଼ ବିଧାୟକ ଦେବେଶ ଆଚାର୍ଯ୍ୟ, ଜିଲାପାଳ ଅବୋଲି ସୁନିଲ ନରୱଣେ,ଏସ୍‌ପି ଅମରେଶ କୁମାର ପଣ୍ଡା, ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ମହାବିଦ୍ୟାଳୟ ପରିଚାଳନା କମିଟି ସଭାପତି ରମେଶ ଚନ୍ଦ୍ର ପୂଜାରୀ ଯୋଗ ଦେଇଥିଲେ। ଅଧାପକ ସୁରେନ୍ଦ୍ର କୁମାର ହୋତା ଅତିଥି ପରିଚୟ ପ୍ରଦାନ କରିବା ସହ ସ୍ୱାଗତ ଭାଷଣ ଓ ମଞ୍ଚ ପରିଚାଳନା କରିଥିଲେ। ଅଧାପକ ମୀନକେତନ ପାତ୍ର ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରୀ ସ୍ୱପ୍ନା, ସ୍ମୃତି, ସୂର୍ଯ୍ୟକାନ୍ତି, ତପି, ସୀମା, ରୋଷନୀ ଓ ପଲ୍ଲବୀ ସ୍ୱାଗତ ସଙ୍ଗୀତ ପରିବେଷଣ କରିଥିଲେ।

ଏହି ଅବସରରେ ସ୍ୱର୍ଗତ ରାଧେଶ୍ୟାମ ପୂଜାରୀ(ମାଲୁ)ଙ୍କ ସ୍ମୃତିରେ ଗତବର୍ଷର ଯୁକ୍ତ ଦୁଇ ବାର୍ଷିକ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ର ରୋଶନ ପଣ୍ଡା ତଥା ଯୁକ୍ତ ତିନି ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଅପର୍ଣ୍ଣା ଯୁଆଡିଙ୍କୁ ମାନପତ୍ର ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାଛଡା ପରିଚାଳନା କମିଟିର ସଭାପତି ରମେଶ ଚନ୍ଦ୍ର ପୂଜାରୀ ଉଭୟ ଛାତ୍ରୀଛାତ୍ରଙ୍କୁ ପାଞ୍ଚ ହଜାର ଟଙ୍କା ଲେଖାଏଁ ସ୍ୱତନ୍ତ୍ର ଅର୍ଥରାଶି ପ୍ରଦାନ କରିଥିଲେ। ବାର୍ଷିକ କ୍ରୀଡାରେ ଚାମ୍ପିୟାନ ହୋଇଥିବା ଯୁକ୍ତ ଦୁଇ ବାଳକ ବିଭାଗରୁ ଓମ ପ୍ରକାଶ ଭୁଏ, ବାଳିକା ବିଭାଗରୁ ରଶ୍ମୀ ପାଣ୍ଡେ ତଥା ଯୁକ୍ତ ତିନି ବାଳକ ବିଭାଗରୁ ଭୋଳାନାଥ ବାରିକ, ବାଳିକା ବିଭାଗରୁ ଚିନ୍ମୟୀ ନାଏକଙ୍କୁ ପୁରସ୍କୃତ କରାଯାଇଥିଲା। ଗ୍ରନ୍ଥାଗାରର ସର୍ବଶ୍ରେଷ୍ଠ ପାଠକ ଭାବେ ଅଧାପକ ଦେବେନ୍ଦ୍ର ଭୁଏଙ୍କୁ ପୁରସ୍କୃତ କରାଯାଇଥିଲା। ପ୍ରାଧାପକ ସଞ୍ଜୟ କୁମାର ମିଶ୍ର ମାନପତ୍ର ପାଠ କରିଥିବା ବେଳେ ଅଧାପକ ଡ. ଲିଙ୍ଗରାଜ ସାହୁ, ଟିକେଚାନ୍ଦ ବାଗ ଓ ମିଳନ ବର୍ଗେ ପୁରସ୍କାର ବିତରଣରେ ସହଯୋଗ କରିଥିଲେ। ଶେଷରେ ଅଧାପିକା ବିଜୟଲକ୍ଷ୍ମୀ ମହାନନ୍ଦ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ବିଦ୍ୟାର୍ଥୀମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା।

## ସଂକ୍ଷେପରେ

### ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ



**ଲହୁଣୀପଡ଼ା,୧୯।୧(ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଅନ୍ତର୍ଗତ ଅର୍କେଇକଳା ଗ୍ରାମର ବାବା ବାଣେଶ୍ୱର ହରିଓଁ କ୍ଲବର ଷଷ୍ଠତମ ବାର୍ଷିକ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଏହି ଦୁଇ ଦିନିଆ ପ୍ରତିଯୋଗିତାରେ ମୋଟ ୩୩ଟି ଖେଳାଳି ଯୋଡି ଅଂଶଗ୍ରହଣ କରିଥିଲେ। ରାଜା ଆନସାରି ଓ ପରମେଶ୍ୱର ପାତ୍ର ଖେଳ ପରିଚାଳନା କରିଥିଲେ। ଫାଇନାଲ ଖେଳରେ ଦେବେନ ଓ ଦେବାଶିଷ ଗୋବିନ୍ଦପୁର ଯୋଡିକୁ ହରାଇ ବଣାଇ ୱାଇସିସି କ୍ଲବ ତାରକ ଓ ବିଶ୍ୱଜିତ ଯୋଡି ଚାମ୍ପିୟନ ହୋଇଥିଲେ। ବଣାଇ ୱାଇସିସି କ୍ଲବର ଟିଲୁ ଓ ରାଜୁ ଯୋଡି ତୃତୀୟ ସ୍ଥାନରେ ଥିବା ଜଣାପଡିଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟ ଅତିଥି ଭାବେ ରାଜାମୁଣ୍ଡା ସରପଞ୍ଚ ମାଳତୀ କିଷାନ, ସମ୍ମାନିତ ଅତିଥି ଭାବେ ଭୁବନାନନ୍ଦ କିଷାନ, ଗୋକୁଳାନନ୍ଦ ବାରିକ, ରେବାକାନ୍ତ ସାହୁ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ସମିତି ସଭ୍ୟ ଅଶୋକ କୁମାର ବେହେରା ଯୋଗଦେଇ ଖେଳାଳି ଓ ଆୟୋଜକଙ୍କୁ ଉତ୍ସାହିତ କରିଥିଲେ। ବିଜେତା ଉପବିଜେତା ଓ ତୃତୀୟ ବିଜେତାଙ୍କୁ ପୁରସ୍କାର ପ୍ରଦାନ କରିବା ସହିତ ବେଷ୍ଟ ସ୍ମାସର ଭାବେ ଗୁଲସନ ପାତ୍ର, ବେଷ୍ଟ ଡିଫେଣ୍ଡର ଭାବେ ଡିଟୁ ପୃଥାଲଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହି ପୁରସ୍କାର ବିତରଣ ସଭା କ୍ଲବ ସଭାପତି ଶୁଭ ସଂକେତ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବାବେଳେ ସମ୍ପାଦକ ସତ୍ୟବାନ ସାହୁ ପରିଚୟ ପ୍ରଦାନ କରିଥିଲେ। ସଭା ଶେଷରେ କୋଷାଧ୍ୟକ୍ଷ ଯୋଗେନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଚୁମନ ସାହୁ, ବାପୁନ ସାହୁ, ତନ୍ମୟ ସାହୁ, ଶାନ୍ତନୁ ବେହେରା, ଅଙ୍କିତ ବେହେରା, ସ୍ୱାଗତ ଅମାତ, ଆଶିଷ ଅମାତ, ଗୋବିନ୍ଦ ବାରିକ, ଶୁଦ୍ଧଶନ୍ଦ ବାରିକ, କୁମର କିଷାନଙ୍କ ସମେତ କ୍ଲବ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

### ପରିତ୍ୟକ୍ତ କୂଅରୁ ମୃତଦେହ ଉଦ୍ଧାର

**ଲହୁଣୀପଡ଼ା,୧୯।୧(ଡି.ଏନ.ଏ.):** ଚାନ୍ଦିପୋଷ ଥାନା ଅନ୍ତର୍ଗତ ପିତାଗାଁ (ଡୁମୁରି ଟୋଲା) ଗ୍ରାମର ସମରା ଧନୱାର (୫୫)ଙ୍କ ମୃତଦେହ ଜମି ଭିତରେ ଥିବା ଏକ ପରିତ୍ୟକ୍ତ କୂଅରୁ ପୋଲିସ ଉଦ୍ଧାର କରି ବ୍ୟବଚ୍ଛେଦ କରାଇବା ସହିତ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି। ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସମରା ଧନୱାର ବୁଧବାର ସନ୍ଧ୍ୟା ସୁଦ୍ଧା ଘରକୁ ନ ଫେରିବାରୁ ପରିବାର ଲୋକ ଖୋଜାଖୋଜି କରି ନିରାଶ ହୋଇଥିଲେ। କିନ୍ତୁ ଗୁରୁବାର ଗ୍ରାମର କିଛି ଲୋକ ସେହିବାଟ ଦେଇ ଯାଉଥିବା ବେଳେ ସମରାଙ୍କ ମୃତଦେହ କୂଅରେ ଭାସୁଥିବା ଦେଖି ପରିବାରବର୍ଗଙ୍କୁ ଖବର ଦେଇଥିଲେ। ସମରା ଅବିବାହିତ ଓ ମାନସିକ ବିକୃତି ଥିଲା ବୋଲି ଗ୍ରାମବାସୀ କହିଛନ୍ତି।

### ଛାତ୍ରୀ ଆତ୍ମରକ୍ଷା ତାଲିମ ଶିବିର

**ଦେବଗଡ, ୧୯।୧(ଡି.ଏନ୍.ଏ.):** ସ୍ଥାନୀୟ ମହିଳା କନିଷ୍ଠ ମହାବିଦ୍ୟାଳୟରେ ୭ରୁ ଆରମ୍ଭ ହୋଇଥିବା ଛାତ୍ରୀ ଆତ୍ମସୁରକ୍ଷା ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ଦେବେନ୍ଦ୍ର ନାଥ ତ୍ରିପାଠୀ ଉଦ୍‌ଯାପନୀ ସଭାରେ ସଭାପତିତ୍ୱ କରିଥିଲେ। ଅଧ୍ୟାପକ ଚିତ୍ତରଞ୍ଜନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ଆଦର୍ଶ ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ବିଜୟ କୁମାର ମହାରଣା ଯୋଗଦେଇ ଆତ୍ମସୁରକ୍ଷା ତାଲିମର ଆବଶ୍ୟକତା ସମ୍ପର୍କରେ ଉପସ୍ଥିତ ଛାତ୍ରୀଙ୍କୁ ବୁଝାଇଥିଲେ। କାର୍ଯ୍ୟକ୍ରମର ସଂଯୋଜିକା ତଥା ଅଧ୍ୟାପିକା ଲତିକା ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅଧ୍ୟାପକ ଅରୁଣ କୁମାର ବିଶ୍ୱାଳ, କ୍ରୀଡ଼ା ଶିକ୍ଷକ ପ୍ରକାଶ ଚନ୍ଦ୍ର ପ୍ରଧାନ, ସାରଦା ସାହୁ, ରମେଶ ଚନ୍ଦ୍ର ଖୁଣ୍ଟିଆଙ୍କ ସମେତ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ତାଲିମ ନେଇଥିବା ଛାତ୍ରୀମାନଙ୍କୁ ମୁଖ୍ୟଅତିଥିଙ୍କ ଦ୍ୱାରା ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ମାମଲା ପରେ ବି ପୋଲିସ କାର୍ଯ୍ୟାନୁଷ୍ଠାନ ବିଳମ୍ବ

**ଜାତିଆଣ ଆକ୍ଷେପ, ହତ୍ୟା ଧମକ ନେଇ ପୌର ନିର୍ବାହୀ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ ପୌର ଉପାଧ୍ୟକ୍ଷଙ୍କ ଅଭିଯୋଗ ଘଟଣା**

ଦେବଗଡ଼,୧୯।୧(ଡି.ଏନ.ଏ)

ଦେବଗଡ଼ ପୌର ପରିଷଦ ଉପାଧ୍ୟକ୍ଷ ପ୍ରଜିତ ଭୋଜଙ୍କୁ ପୌର ନିର୍ବାହୀ ଅଧିକାରୀ ଜାତିଆଣ ଆକ୍ଷେପ କରିବା ସହ ହତ୍ୟା ଧମକ ଦେଇଥିଲେ। ଏନେଇ ମାମଲା ହେବାର ୧୭ ଦିନ ପରେ ମଧ୍ୟ ପୋଲିସ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ମାମଲା ପରେ ପୋଲିସ କାର୍ଯ୍ୟାନୁଷ୍ଠାନ ବିଳମ୍ବକୁ ଉପାଧ୍ୟକ୍ଷଙ୍କ ସମେତ ଭାଜପା କାଉନସିଲରମାନେ ନିନ୍ଦା କରିଛନ୍ତି। ଅପରପକ୍ଷେ ପୌର ନିର୍ବାହୀ ଅଧିକାରୀ ପୌର ଉପାଧ୍ୟକ୍ଷଙ୍କ ବିରୋଧରେ କରିଥିବା ଅଭିଯୋଗ ଉପରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିସାରିଛି। ତେଣୁ ଏହା ପୋଲିସର ପକ୍ଷପାତିତା ବୋଲି ଭୋଜ ଅଭିଯୋଗ କରି ପୋଲିସ ପ୍ରଶାସନର ଉଚ୍ଚ ଅଧିକାରୀଙ୍କ ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି। ଆବଶ୍ୟକ ହେଲେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ପୌର ନିର୍ବାହୀ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ବିଳମ୍ବ ହେବାରୁ ଗତ ୯ ତାରିଖରେ ପୌର ଉପାଧ୍ୟକ୍ଷଙ୍କ ସମର୍ଥକମାନେ ଦେବଗଡ଼ ସହର ପରିକ୍ରମା କରି ଏସ୍‌ଡିପିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରିଥିଲେ। ତୁରନ୍ତ ଗିରଫ ଦାବିକରି ସ୍ମାରକପତ୍ର ଦେଇଥିଲେ। ମାତ୍ର ତା' ପରେ ବି ଆଜି ପର୍ଯ୍ୟନ୍ତ ପୌର ନିର୍ବାହୀ ଅଧିକାରୀ, କର୍ମଚାରୀଙ୍କ ବିରୋଧରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

ପ୍ରକାଶ ଯେ, ୨ ତାରିଖ ଦେବଗଡ଼ ପୌର ପରିଷଦର ନିର୍ବାହୀ ଅଧିକାରୀ ତପନ କୁମାର ମହାପାତ୍ରଙ୍କୁ ଉପନଗରପାଳ ପ୍ରଜିତ କୁମାର ଭୋଜ ମାଡ, ଆକ୍ରମଣ କରିବା ସହ ହତ୍ୟା ଧମକ ଦେଇଥିଲେ। ଏଥିରେ ୬ ନମ୍ବର ୱାର୍ଡର ସ୍ୱାଧୀନ କାଉନସିଲର ଧର୍ମେନ୍ଦ୍ର କୁମାର ଦେବତା ସହାୟତା କରିଥିବା ନିର୍ବାହୀ ଅଧିକାରୀ ମହାପାତ୍ର ଦେବଗଡ ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମହାପାତ୍ରଙ୍କ ଅଭିଯୋଗ ଅନୁଯାୟୀ କାର୍ଯ୍ୟାଳୟ ପ୍ରକୋଷ୍ଠରେ ଥିବାବେଳେ ଉପନଗରପାଳ ଭୋଜ ତାଙ୍କ ନିକଟକୁ ଆସି କୁଆଡେ ଅନୈତିକ କାର୍ଯ୍ୟ ସମ୍ପର୍କରେ ପଚାରିବା ସହ କାଉନସିଲ ରିଜ୍ୟୁଲୁସନ ମାଗିବାରୁ ଏହା ସଂଗ୍ରହ କରିବା ପାଇଁ ସେ ପୌରାଧ୍ୟକ୍ଷାଙ୍କ ନିକଟକୁ ଯାଉଥିଲେ । ଏହି ସମୟରେ ଭୋଜ ତାଙ୍କୁ ଅଟକାଇବା ସହ ଆକ୍ରମଣ କରିଥିଲେ। ଏଥିସହ ତାଙ୍କୁ ହତ୍ୟା ଧମକ ମଧ୍ୟ ଦେଇଥିଲେ। ଅନ୍ୟପକ୍ଷରେ ଗତ ୨୬ ତାରିଖ ପୌର ଉପାଧ୍ୟକ୍ଷଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିବା ପ୍ରାୟୋଜନିକ ବୈଠକ (ରିକ୍ୟୁଜିସନ ମିଟିଂ)ର ରିଜ୍ୟୁଲୁସନ ନକଲ ପାଇ ନ ଥିବାରୁ ଏ ସମ୍ପର୍କରେ ପୌର ନିର୍ବାହୀ ଅଧିକାରୀ ମହାପାତ୍ରଙ୍କୁ ଉପାଧ୍ୟକ୍ଷ ଭୋଜ ପଚାରିବାକୁ ତାଙ୍କୁ ସେ ଜାତିଆଣ ଆକ୍ଷେପ କରି କାର୍ଯ୍ୟାଳୟରୁ ବାହାରି ଯିବାକୁ ଧମକ ଦେଇଥିବା ଏବଂ ଅଭିଷେକ ମିଶ୍ର ନାମକ ଅନ୍ୟ ଜଣେ କର୍ମଚାରୀଙ୍କ ସହ ମିଶି ତାଙ୍କର କଲର ଧରି ଧକ୍କା ମାରିବା ସହ ତଳେ ପକାଇ ଦେଇଥିବା ଉପାଧ୍ୟକ୍ଷ ଭୋଜ ଦେବଗଡ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

ଅଭିଯୋଗ ପାଇବାପରେ ଦେବଗଡ଼ ଆଦର୍ଶ ଥାନା ପୋଲିସ ପୌର ପରିଷଦ କାର୍ଯ୍ୟାଳୟକୁଯାଇ ଘଟଣାର ତଦନ୍ତ କରିବା ସହ କର୍ମଚାରୀମାନଙ୍କୁ ପଚରାଉଚରା କରିଥିଲେ। ପୋଲିସ ତଦନ୍ତ କରି ପୌର ନିର୍ବାହୀ ଅଧିକାରୀ ମହାପାତ୍ରଙ୍କ ଅଭିଯୋଗ ଆଧାରରେ ଉପାଧ୍ୟକ୍ଷ ଭୋଜ ଓ ସ୍ୱାଧୀନ କାଉନସିଲର ଦେବତାଙ୍କୁ ଗିରଫ କରିଥିଲେ। ପରେ ସେ ଦୁଇ ଜଣ ଜାମିନ୍‌ରେ ଆସିଥିଲେ। କିନ୍ତୁ ପୌର ଉପାଧ୍ୟକ୍ଷ ଭୋଜଙ୍କ ଅଭିଯୋଗ ଆଧାରରେ ପୋଲିସ ମାମଲା ରୁଜୁ କରିଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନାହିଁ।

## ଧାନମଣ୍ଡିରେ ଅବ୍ୟବସ୍ଥା ନେଇ ଧାରଣା, ବିକ୍ଷୋଭ



ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ କରାଯାଉଛି।

ସୁନ୍ଦରଗଡ଼,୧୯।୧(ଡି.ଏନ.ଏ.)

ଧାନ ମଣ୍ଡିରେ ଅବ୍ୟବସ୍ଥା, ମିଲର୍ସଙ୍କ ମନମାନୀ, ଚାଷୀମାରଣା ନୀତି ପ୍ରତିବାଦରେ ଗୁରୁବାର ନବ ନିର୍ମାଣ କୃଷକ ସଙ୍ଗଠନ ପକ୍ଷରୁ ଜିଲାପାଳଙ୍କ ଅଫିସ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ପରେ ସଙ୍ଗଠନ ପକ୍ଷରୁ ଏହି ମର୍ମରେ ୮ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ଜିଲାପାଳଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲାପାଳ ଅଭିମନ୍ୟୁ ବେହେରାଙ୍କୁ ପ୍ରଦାନ କରାଯାଇଥିଲା। ଏହି ପତ୍ରରେ ଦର୍ଶାଯାଇଛି ଯେ, ସମବାୟ ସମିତିଙ୍କ ବଦଳରେ ମିଲର୍ସଙ୍କ ଏଜେଣ୍ଟମାନେ ମଣ୍ଡି ଚଳାଉଛନ୍ତି। ଏଫ୍‌ଏକ୍ୟୁମାନ ଧାନ ନୁହେଁ କହି ଚାଷୀଙ୍କ ଠାରୁ ୬ କେଜି ଲେଖାଏଁ ଧାନ କଟନୀ ଛଟନୀ କରାଯାଉଛି। ମିଲର୍ସ, ସମବାୟ ସମ୍ପାଦକ ଓ ରାଜନେତାଙ୍କ ଆସାଧୁ ମେଣ୍ଟରେ ଚାଷୀକୂଳ ଶୋଷିତ ହେଉଛନ୍ତି। ଏଣୁ ଏ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି। ସଙ୍ଗଠନର ସୁନ୍ଦରଗଡ ଜିଲା ସଂଯୋଜକ ସୁନୀଲ ପଟେଲ, ଜିଲା ସମ୍ପାଦକ ଦିଲୀପ ପଣ୍ଡା, ପ୍ରସନ୍ନ ନାଏକ, ତପିବର ବେହେରା, ମହିଳା ସଂଯୋଜିକା ପଦ୍ମା ଦେବୀ, ଭାରତ ସ୍ୱାଇଁ, ସୁଜିତ ପଟେଲ, ସନ୍ତୋଷିନୀ ବାଗ ପ୍ରମୁଖଙ୍କ ନେତୃତ୍ୱ ଯୋଗ ଦେଇଥିଲେ।

## ଉତ୍ସବ ପ୍ରଧାନପାଟ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର

ଦେବଗଡ଼,୧୯।୧(ଡି.ଏନ.ଏ)



ଦେବଗଡ଼ ଜିଲା ଉତ୍ସବ 'ଉତ୍ସବ ପ୍ରଧାନପାଟ' ପାଇଁ ଗୁରୁବାର ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଜିଲାପାଳ ସୋମେଶ ଉପାଧ୍ୟାୟ ଓ ଏସ୍‌ପି ପ୍ରମୋଦ କୁମାର ରଥଙ୍କ ଖବରଦାତା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସରକାରଙ୍କ ସଂସ୍କୃତି ବିଭାଗ ଓ ଜିଲା ସଂସ୍କୃତି ପରିଷଦ ଆନୁକୂଲ୍ୟରେ ଶୁକ୍ରବାରଠାରୁ ୨୪ ତାରିଖ ପର୍ଯ୍ୟନ୍ତ ୫ ଦିନ ଜିଲା ଉତ୍ସବ ପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର କରାଯାଇଛି। ଉତ୍ସବ ପାଳନ ପାଇଁ ପ୍ରଶାସନ ପକ୍ଷରୁ ସହରକୁ ସାଜସଜ୍ଜା କରାଯାଇ ଉତ୍ସବର ମାହୋଲ ସୃଷ୍ଟି ହୋଇଛି । ଚଳିତବର୍ଷ ହକି ବିଶ୍ୱକପର ଉତ୍ସାହ ସହ ଜିଲା ଉତ୍ସବ ଜିଲାବାସୀଙ୍କ ଉତ୍ସାହକୁ ଦ୍ୱିଗୁଣିତ କରିଛି । କାନ୍ଥବାଡ଼ରେ ରଙ୍ଗୀନ ଚିତ୍ର ଆଙ୍କିବାରେ ଚିତ୍ରକାର ବ୍ୟସ୍ତ ରହିଥିବା ବେଳେ ସହରର ଗୋଟିଏ ପଟ ପ୍ରବେଶ ଦ୍ୱାରରେ ହକି ଷ୍ଟିକର ପ୍ରତିକୃତି ଓ ଅନ୍ୟପଟରେ ପ୍ରପାତ ନଗରୀକୁ ଜନସାଧାରଣଙ୍କୁ ସ୍ୱାଗତ ପାଇଁ ସଜ୍ଜିତ କରାଯାଇଛି। ପ୍ରଥମ ଥର ପାଇଁ ପ୍ରଧାନପାଟ ପାଦଦେଶରେ ଥିବା ମୁକ୍ତାକାଶ ରଙ୍ଗମଞ୍ଚ ପରିବର୍ତ୍ତେ ବଡ ବଗିଚାଠାରେ ଆୟୋଜନ କରାଯାଉଛି। ଉତ୍ସବ ପ୍ରଧାନପାଟ ଅବସରରେ ଓରମାସ ପକ୍ଷରୁ ରାଜ୍ୟସ୍ତରୀୟ ପଲ୍ଲିଶ୍ରୀ ମେଳା ପାଇଁ ୨୦୦ ଷ୍ଟଲ ବ୍ୟବସ୍ଥା କରାଯାଇଛି। କୃଷି ବିଭାଗ ପକ୍ଷରୁ ଏକ ମେଗା କୃଷି ଯନ୍ତ୍ରପାତି ପ୍ରଦର୍ଶନୀ ଓ ବିକ୍ରି ପାଇଁ ଷ୍ଟଲ ବ୍ୟବସ୍ଥା କରାଯାଇଛି। ସେହିପରି ପୁସ୍ତକ ମେଳା, ଖାଦ୍ୟ ମେଳା, ଦୋଳି ଓ ମୀନାବଜାର ଆଦିର ବ୍ୟବସ୍ଥା କରାଯାଇଛି। ୫ ଦିନ ଧରି ରାଜ୍ୟର ବହୁ ସୁନାମଧନ୍ୟ କଳାକାରଙ୍କ ଦ୍ୱାରା ସଙ୍ଗୀତ ଓ ନୃତ୍ୟ ଭଳି ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାର ସ୍ଥିରିକୃତ ହୋଇଛି। ଜନଗହଳିକୁ ଦୃଷ୍ଟିରେ ରଖି ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଆମ୍ବୁଲାନ୍ସ, ଅଗ୍ନିଶମ ବିଭାଗ ପକ୍ଷରୁ ଦମକଳ, ପରିମଳ ବ୍ୟବସ୍ଥା ପାଇଁ ପୌର ପରିଷଦ ପକ୍ଷରୁ ସଫେଇ କର୍ମଚାରୀଙ୍କୁ ଉତ୍ସବ ସ୍ଥଳିରେ ନିୟୋଜିତ କରାଯାଇଥିବା ଜିଲାପାଳ ଉପାଧ୍ୟାୟ ସୂଚନା ଦେଇଛନ୍ତି। ସେହିପରି ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ଜିଲା ପୋଲିସ ପ୍ରଶାସନ ପକ୍ଷରୁ ୪୦ ଅଧିକାରୀଙ୍କ ସମେତ ୪ ପ୍ଲାଟୁନ ପୋଲିସ କର୍ମଚାରୀଙ୍କୁ ନିୟୋଜିତ କରାଯାଇଥିବା ଏସପି ରଥ ସୂଚନା ଦେଇଛନ୍ତି ।

## ମଥୁରା ବୃନ୍ଦାବନ ଅଭିମୁଖେ ଗଲେ ୨୭ବରିଷ୍ଠ ନାଗରିକ

ଦେବଗଡ଼,୧୯।୧(ଡି.ଏନ୍.ଏ.)

ରାଜ୍ୟ ସରକାରଙ୍କ ବରିଷ୍ଠ ନାଗରିକ ତୀର୍ଥ ଯାତ୍ରୀ ଯୋଜନାରେ ମଙ୍ଗଳବାର ଦେବଗଡ଼ ଜିଲାର ପୌରାଞ୍ଚଳ ସମେତ ତିନୋଟି ବ୍ଲକରୁ ଆଗ୍ରା, ମଥୁରା ଓ ବୃନ୍ଦାବନ ଅଭିମୁଖେ ଯାତ୍ରା କରିଛନ୍ତି ୨୭ ଜଣ ମହିଳା ଓ ପୁରୁଷ ବରିଷ୍ଠ ନାଗରିକ। ଜିଲା ସୂଚନା ଓ ଲୋକସମ୍ପର୍କ ବିଭାଗ କାର୍ଯ୍ୟାଳୟ ପରିସରରୁ ଏକ ସ୍ୱତନ୍ତ୍ର ବସ ଯୋଗେ ଅପରାହ୍ନରେ ୨୭ଜଣ ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ ସମ୍ବଲପୁର ବାହାରିଥିଲେ। ବୁଧବାର ସକାଳେ ସ୍ୱତନ୍ତ୍ର ତୀର୍ଥ ଯାତ୍ରୀ ଟ୍ରେନ ଯୋଗେ ଆଗ୍ରା, ବୃନ୍ଦାବନ ଓ ମଥୁରା ଅଭିମୁଖେ ଆଧ୍ୟାତ୍ମିକ ଯାତ୍ରାର ଦିବ୍ୟ ଅନୁଭବ କରିବେ। ଏଥିପାଇଁ ଜିଲା ପ୍ରଶାସନ ପକ୍ଷରୁ ତୀର୍ଥ ଯାତ୍ରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଇବା ସହ ଜରୁରୀକାଳିନ ଔଷଧ ପ୍ରଦାନ କରି ତୀର୍ଥଯାତ୍ରୀଙ୍କ ପାଇଁ ମଧ୍ୟାହ୍ନଭୋଜନର ବ୍ୟବସ୍ଥା କରାଯାଇଥିଲା। ଅପରାହ୍ନରେ ଅତିରିକ୍ତ ଜିଲାପାଳ ରେବୀକା ବିଲୁଙ୍ଗ ସବୁଜ ପତାକା ଦେଖାଇ ତୀର୍ଥଯାତ୍ରୀଙ୍କ ସ୍ୱତନ୍ତ୍ର ବସ୍ ଯାତ୍ରାର ଶୁଭାରମ୍ଭ କରିଥିଲେ।



ଦେବଗଡ଼ରୁ ଯାଇଥିବା ବରିଷ୍ଠ ନାଗରିକ ତୀର୍ଥଯାତ୍ରୀ।

## ବଡ଼ଗାଁ, କୁତ୍ରାରେ ସଡ଼କ ସୁରକ୍ଷା ସପ୍ତାହ

ବଡ଼ଗାଁ/କୁତ୍ରା, ୧୯।୧(ଡି.ଏନ୍.ଏ.)

ସୁନ୍ଦରଗଡ଼ ଜିଲା ବଡ଼ଗାଁ ଓ କୁତ୍ରାରେ ମଙ୍ଗଳବାର ସୁନ୍ଦରଗଡ଼ ଆଞ୍ଚଳିକ ପରିବହନ ବିଭାଗ ପକ୍ଷରୁ ସଡକ ସୁରକ୍ଷା ସପ୍ତାହ ପାଳନ କରାଯାଇଛି। ବଡ଼ଗାଁରେ ଉକ୍ତ କାର୍ଯ୍ୟକ୍ରମରେ ବଡ଼ଗାଁ ଡିଗ୍ରୀ କଲେଜ, ଅରବିନ୍ଦ ସ୍କୁଲ, ବ୍ରିଗେଡ ସ୍କୁଲ, ବଡ଼ଗାଁ ହାଇସ୍କୁଲ, ଭୋଇପାଲି ବାଳିକା ଉଚ୍ଚ ବିଦ୍ୟାଳୟ, ଆଇଟିଆଇ ଆଦି ଶିକ୍ଷାନୁଷ୍ଠାନର ଛାତ୍ରୀଛାତ୍ର ସଚେତନତା ବାର୍ତ୍ତା ଦେଇ ଗ୍ରାମ ପରିକ୍ରମା କରିଥିଲେ। ବିଡିଓ କ୍ଷମାନିଧି ଭୋଇ, ଜିଲା ପରିଷଦ ସଭ୍ୟ ଅମିୟ କୁମାର ପ୍ରଧାନ, ପରିବେଶପ୍ରେମୀ ଇଞ୍ଜିନିୟର ଅଜେକ ପ୍ରଧାନ, ଡିଗ୍ରୀ କଲେଜ ଅଧ୍ୟକ୍ଷା ବନଜାରାଣୀ ଷଡଙ୍ଗୀ, ଆଇଟିଆଇ ଅଧ୍ୟକ୍ଷ ଡକ୍ଟର ଅରୁଣ କୁମାର ନାୟକ, ସ୍ଥାନୀୟ ସରପଞ୍ଚ ସୁଗାଡ ସାମୁଏଲ ସଏ, ଅଧ୍ୟାପକ ହେମନ୍ତ ପଣ୍ଡା, ଅଧ୍ୟାପିକା ମାଳବିକା ସାମଲ, ଗାଜ୍ଞିକ ଛବିଳ ସେଠ,ବ୍ରିଗେଡ ସ୍କୁଲର ପରିଚାଳକ ମୁରଲୀଧର ସିକା, ଜିତେନ୍ଦ୍ର ବୁଡା, ଗ୍ରାମର ବାବୁଲି କର୍ସେଲ, ସତ୍ୟନାରାୟଣ ନାୟକ, ବିଭୂତି ନାୟକ ପ୍ରମୁଖ ବ୍ୟକ୍ତିମାନେ ଯୋଗଦେଇଥିଲେ। ଶ୍ୟାମ ପୋଲୁସନର ପ୍ରୋପାଇଟର ସଞ୍ଜୀବ ଚକ୍ରବର୍ତ୍ତୀ, ସୌରଭ ପଣ୍ଡା, ଗଗନ ସାହୁ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। କାର୍ଯ୍ୟକ୍ରମରେ ଆରଟିଓ ସୁକାନ୍ତ ଦାସ, ଏମ୍‌ଭିଆଇ ଦଳନୀ ସା ସଡ଼କ ସୁରକ୍ଷା ଉପରେ ଜନସାଧାରଣ ଓ ଛାତ୍ରୀ ଛାତ୍ରଙ୍କୁ ବୁଝାଇଥିଲେ। ସେହିପରି କୁତ୍ରାରେ ୧୦ ନମ୍ବର ରାଜ୍ୟ ରାଜପଥ ରାଞ୍ଚିରୋଡ଼ ଛକରେ ପୋଲିସ, ପରିବହନ ବିଭାଗ ଓ ଏଲଆଣ୍ଡଟି ରାସ୍ତା ନିର୍ମାଣକାରୀ ସଂସ୍ଥା ପକ୍ଷରୁ ମିଳିତ ଭାବେ ସଡକ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଞ୍ଚି ରୋଡ ଛକରେ ବାଇକ୍ ଚାଳକ ଏବଂ ସାଧାରଣ ଲୋକଙ୍କୁ ସଡକରେ ଯାତାୟାତ ସମୟରେ କିପରି ଟ୍ରାଫିକ ନିୟମ ପାଳନ ପୂର୍ବକ ସୁରକ୍ଷିତ ଭାବେ ଯାନବାହନ ଚଳାଚଳ କରିବେ ସେନେଇ ସଚେତନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଆରଟିଓ ଟ୍ରାଫିକ ଇନ୍ସପେକ୍ଟର ମୁକେଶ ମିଶ୍ର, ଏଲ ଆଣ୍ଡଟି ଅଧିକାରୀ ଶଙ୍କର ଦାଶ, କୁତ୍ରା ପୋଲିସ ଏଏସଆଇ ଲିଙ୍ଗରାଜ ସାହୁ, ଉଜ୍ଜ୍ୱଳ ଲାକଡା, ଶାନ୍ତଲାଲ କଣ୍ଡା ପ୍ରମୁଖ ଉପସ୍ଥିତ ରହିଥିଲେ।

## ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ

ଲହୁଣୀପଡ଼ା,୧୯।୧(ଡି.ଏନ.ଏ.)

କେ.ବଲାଙ୍ଗ ଥାନା ଅନ୍ତର୍ଗତ ବିମଳାଗଡ଼ଠାରେ ଥିବା ଭୋଲଟାଜ କମ୍ପାନୀରେ ରୋଷେୟା ଭାବେ କାମ କରୁଥିବା ଯୁବକଙ୍କ ଅସ୍ୱାଭାବିକ ମୃତ୍ୟୁ ଘଟିଛି। କମ୍ପାନୀରେ ଝାଡ଼ଖଣ୍ଡର ଧାନବାଦ ଜିଲା ତୁଣ୍ଡି ଥାନା ଅନ୍ତର୍ଗତ ପାଣିଡୁଙ୍ଗୁରି ଗ୍ରାମର କୁତୁବୁଦ୍ଦିନ ଆନସାରି (୪୫) କାମ କରୁଥିଲେ। ହଠାତ ଅସୁସ୍ଥତା ଅନୁଭବ କରିବାରୁ ତୁରନ୍ତ ଚିକିତ୍ସା ପାଇଁ ବଣାଇ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ ମଧ୍ୟ ଡାକ୍ତର ମୃତ ଘୋଷଣା କରିଥିଲେ। ଖବରପାଇ କେ.ବଲାଙ୍ଗ ପୋଲିସ ଡାକ୍ତରଖାନାରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ କରାଇ ପରିବାରବର୍ଗଙ୍କୁ ହସ୍ତାନ୍ତର କରିଛି।

## ଯୁବତୀଙ୍କ ଆତ୍ମହତ୍ୟା

ଲହୁଣୀପଡ଼ା,୧୯।୧(ଡି.ଏନ.ଏ.)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ ରାଜାମୁଣ୍ଡା ଗୁଡିଆଳିଠାରେ ଗୁରୁବାର ମଧ୍ୟାହ୍ନରେ ଏକୁଟିଆର ସୁଯୋଗ ନେଇ ଘର ଭିତରେ ଜଣେ ଯୁବତୀ ଆତ୍ମହତ୍ୟା କରିଛନ୍ତି। ଗୁଡ଼ିଆଳୀଠାରେ ପ୍ରାୟ ବାର ବର୍ଷ ହେବ ବିହାରରୁ ଆସି ପରିବାର ସହିତ ଭଡାରେ ରହି ମୋଟର ମିସ୍ତ୍ରୀ ଭାବେ କାମ କରୁଥିଲେ ବ୍ରହ୍ମଦେ ସାହାଣୀ। ମଧ୍ୟାହ୍ନରେ ବ୍ରହ୍ମଦେ ଓ ତାଙ୍କ ପୁଅ ଖାଇସାରି ଗ୍ୟାରେଜକୁ ଆସିବାର କିଛି ସମୟ ପରେ ତାଙ୍କ ଝିଅ କମଳ କୁମାରୀ (୧୮) କୌଣସି କାରଣ ଯୋଗୁ ଘରର କବାଟ ଭିତର ପଟୁ ବନ୍ଦ କରିଦେଇ ନିଜ ଚୁନିରୀ ବେକରେ ବାନ୍ଧି ଫ୍ୟାନରେ ଝୁଲି ଆତ୍ମହତ୍ୟା କରିଥିଲେ। ଖବରପାଇ ଲହୁଣୀପଡ଼ା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଲହୁଣୀପଡ଼ା ଡାକ୍ତରଖାନାକୁ ପଠାଇବା ସହିତ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

## ଅଧ୍ୟବସାୟ, ଚେଷ୍ଟା ମଣିଷକୁ ଆଗକୁ ନେଇଥାଏ

**କଚାରୁ ସରକାରୀ ହାଇସ୍କୁଲର ବାର୍ଷିକ ଉତ୍ସବ**

କୁଆଁରମୁଣ୍ଡା,୧୯।୧(ଡି.ଏନ.ଏ.)

ଭବିଷ୍ୟତରେ ଉଚ୍ଚସ୍ତରକୁ ଯିବା ପାଇଁ ଦୃଢ଼ ଅଧ୍ୟବସାୟ ଓ ଚେଷ୍ଟା କରିବା ଆବଶ୍ୟକ ବୋଲି ବୁଧବାର କଚାରୁ ସରକାରୀ ହାଇସ୍କୁଲର ୧୦ମ ବାର୍ଷିକ ଉତ୍ସବ ଓ ବିଦ୍ୟାଳୟର ବାର୍ଷିକ ପତ୍ରିକା ନବକଳିକାର ୭ମ ଅର୍ଘ୍ୟ ଉନ୍ମୋଚନ ଅବସରରେ ଉପସ୍ଥିତ ଅତିଥିମାନେ ମତବ୍ୟକ୍ତ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବୀରମିତ୍ରପୁର ବିଧାୟକ ଶଙ୍କର ଓରାମ ଯୋଗ ଦେଇଥିଲେ। ମୁଖ୍ୟବକ୍ତା ଭାବେ ହୃଷୀକେଶ ରାୟ ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ବେଶଚନ୍ଦ୍ର ସାହୁ ଯୋଗଦେଇଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଜିଲା ଶିକ୍ଷାଧିକାରୀ ଅମୂଲ୍ୟ ପ୍ରଧାନ, କୁଆଁରମୁଣ୍ଡା ବିଇଓ ସଦାନନ୍ଦ ପ୍ରଧାନ, କୁତ୍ରା ବିଇଓ ଗୁରୁଚରଣ ସାହୁ, ଜିଲା ପରିଷଦ ସଭ୍ୟ ରାଜେନ୍ଦ୍ର କୁଜୁର, କୁଆଁରମୁଣ୍ଡା ପଞ୍ଚାୟତ ସମିତି ଅଧ୍ୟକ୍ଷା ଜ୍ୟୋତି କେରକେଟା, କଚାରୁ ସରପଞ୍ଚ ଝୁବା ଟପ୍ପୋ, ସମିତି ସଭ୍ୟ ଅଶିନୀ କେରକେଟା, ଅମିତା ପ୍ରଧାନ, ପୂର୍ବତନ ପ୍ରଧାନ ଶିକ୍ଷକ ଠୁରକା ସିଂ, ସୁରେଶ କଂସାରୀ, କୁଆଁରମୁଣ୍ଡା ସରପଞ୍ଚ ରାଜେଶ ହାଁସଦା ପ୍ରମୁଖ ମଞ୍ଚାସୀନ ଥିଲେ। ବିଦ୍ୟାଳୟର ବରିଷ୍ଠ ଶିକ୍ଷକ ଶିବ ପ୍ରସାଦ ମହାପାତ୍ର ସଭା ପରିଚାଳନା କରିଥିବା ବେଳେ ବାର୍ଷିକ ବିବରଣୀ ପାଠ କରିଥିଲେ ଶିକ୍ଷୟିତ୍ରୀ ସବିତା ମହନ୍ତ। ଏହି ଅବସରରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ନାଟକ ତୁମେ କିଏ ଆମେ ଧରଣୀ ବୁକୁର ଶିଶୁ ନାଟକ ଉପସ୍ଥିତ ଅଭିଭାବକମାନଙ୍କୁ ବେଶ ଆକର୍ଷିତ କରିଥିଲା। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବୀଣାପାଣି ପାଣି ଧନ୍ୟବାଦ ଦେଇଥିଲେ।




ବିଦ୍ୟାଳୟର ବାର୍ଷିକ ପତ୍ରିକା ନବକଳିକା ଉନ୍ମୋଚନ କରାଯାଉଛି।

# ମଣ୍ଡିରେ ଧାନକିଣାରେ ଅବ୍ୟବସ୍ଥା

**ଜିଲାପାଳଙ୍କୁ କଂଗ୍ରେସ ପକ୍ଷରୁ ଦାବିପତ୍ର**

ଦେବଗଡ଼, ୧୯।୧(ଡି.ଏନ୍.ଏ.)

ଦେବଗଡ଼ ଜିଲାର ବିଭିନ୍ନ ମଣ୍ଡିରେ ଧାନକିଣାରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ଅନ୍ୟପଟେ ଜିଲା ପ୍ରଶାସନ ପକ୍ଷରୁ ଖୋଲା ଯାଇଥିବା ମଣ୍ଡିରେ ମିଲର୍ସ ନ ଆସିବା ଯୋଗୁ ବିଭିନ୍ନ ମଣ୍ଡିରେ ଧାନ କିଣା ଠପ ହୋଇଯାଇଛି। ଧାନକିଣାର ଅବ୍ୟବସ୍ଥା ନେଇ ଗୁରୁବାର ଜିଲା କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ତେବେ ବିଭିନ୍ନ ମଣ୍ଡିରେ ଥିବା ସମସ୍ୟାକୁ ତୁରନ୍ତ ସମାଧାନ କରିବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଦୃଷ୍ଟି ଦେବା ପାଇଁ ଜିଲା କଂଗ୍ରେସ ପକ୍ଷରୁ ଦାବି କରାଯାଇଛି। ଦାବିପତ୍ରର ଏକକିତା ନକଲ ମଧ୍ୟ ଜିଲା ଯୋଗାଣ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି।

ସୂଚନା ଅନୁଯାୟୀ, ନିର୍ଦ୍ଧାରିତ ସମୟରେ ଚାଷୀମାନେ ମଣ୍ଡିରେ ଧାନ ବିକ୍ରି ପାଇଁ ଯାଉଥିବାବେଳେ ମିଲର୍ସ ଦେଖ ନ ଥିବା ଯୋଗୁ ଧାନ ଠିକ ସମୟରେ ବିକ୍ରି କରିପାରୁନାହାଁନ୍ତି। ଅନ୍ୟପଟେ ମିଲର୍ସ ଆସୁ ନ ଥିବାବେଳେ ପ୍ୟାକ୍ସରେ ଟୋକନ ଅନୁଯାୟୀ ଧାର୍ଯ୍ୟ ସମୟରେ ଚାଷୀମାନଙ୍କଠାରୁ ୧୦ରୁ ୧୫ ଦିନ ଧାନ କିଣିବାରେ ବିଳମ୍ବ ହେଉଥିବା ଜିଲା କଂଗ୍ରେସ ପକ୍ଷରୁ ଅଭିଯୋଗ କରାଯାଇଛି। ଏନେଇ ଜିଲା କଂଗ୍ରେସ ପକ୍ଷରୁ ବିଭିନ୍ନ ମଣ୍ଡିରେ ନିର୍ଦ୍ଧାରିତ ସମୟରେ ଚାଷୀମାନଙ୍କଠାରୁ ଧାନ କିଣିବା ସହିତ ଧାନ କିଣାରେ ସୁବ୍ୟବସ୍ଥା କରିବା ପାଇଁ ଜିଲାପାଳ ସୋମେଶ ଉପାଧ୍ୟାୟଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନ ବେଳେ ଜିଲା କଂଗ୍ରେସ ସଭାପତି ଉମାଶଙ୍କର ସାହୁ, କଂଗ୍ରେସର କୃଷକ ସେଲ ସଭାପତି ସନ୍ତୋଷ ସାହୁ, ମହିଳା କଂଗ୍ରେସର ସଭାନେତ୍ରୀ ମଞ୍ଜୁଲତା ନାୟକ, ବରିଷ୍ଠ କଂଗ୍ରେସ ନେତା ନେତ୍ରାନନ୍ଦ ସାମଲ, ମଞ୍ଜୁଳ ନାଏକ, ପ୍ରମୋଦ ମିଶ୍ର, ବସନ୍ତ ମିଶ୍ର, ସଚ୍ଚିଦାନନ୍ଦ ପଟ୍ଟନାୟକ, ବିନୋଦ ବିହାରୀ ନାୟକ, କ୍ଷିତିଶ ପ୍ରଧାନ, ଅମରଜିତ ବାର୍ଲାଙ୍କ ସମେତ ବହୁ କଂଗ୍ରେସ କର୍ମୀ ଉପସ୍ଥିତ ଥିଲେ।



କଂଗ୍ରେସ ପକ୍ଷରୁ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ମିଲର୍ସଙ୍କ ମନଇଚ୍ଛା କଟ୍‌ନୀ ଛଟନୀକୁ ବନ୍ଦ ଦାବି

ଦେବଗଡ଼, ୧୯।୧(ଡି.ଏନ୍.ଏ.)

ଦେବଗଡ଼ ଜିଲାର ବିଭିନ୍ନ ମଣ୍ଡିରେ ଧାନକିଣାରେ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଜିଲାର ଅନେକ ସେବା ସମବାୟ ସମିତିରେ ବର୍ତ୍ତମାନ ସୁଦ୍ଧା ଧାନ କିଣା ଯାଇ ନ ଥିବାବେଳେ କିଛି ଦିନ ମଧ୍ୟରେ ଅନେକ ଚାଷୀଙ୍କ ଟୋକନର ଅବଧି ଶେଷ ହୋଇଯିବ। ବର୍ତ୍ତମାନ ଯେଉଁ ଚାଷୀମାନଙ୍କର ଧାନକ୍ରୟ କରାଯାଇଛି ସେମାନଙ୍କ ଠାରୁ ମିଲର୍ସମାନେ ବିଭିନ୍ନ ଆଳଦେଖାଇ ଚାଷୀମାନଙ୍କ ଠାରୁ କଟନୀଛଟନୀ କରାଯିବା ସହିତ ସରକାରଙ୍କ ନିୟମ ଅନୁସାରେ ଧାନକ୍ରୟ କରାଯାଉ ନ ଥିବା ଜିଲା କୃଷକ ସଂଘର୍ଷ ସଂଘ ପକ୍ଷରୁ ଅଭିଯୋଗ କରାଯାଇଛି। ତେବେ ଏନେଇ ଗୁରୁବାର ସଂଘ ପକ୍ଷରୁ ଏଆରସିଏସ୍‌ଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଏହା ସହିତ ଧାନ ବିକ୍ରୟ ସମୟରେ ଚାଷୀଙ୍କର ଟୋକନର ଧାର୍ଯ୍ୟ ତାରିଖ ଅନୁଯାୟୀ ଧାନ କ୍ରୟ କରିବା ସହ ମିଲର୍ସ ମନଇଚ୍ଛା କଟ୍‌ନୀ ଛଟନୀକୁ ବନ୍ଦ କରିବା ପାଇଁ ବିଭାଗ ପକ୍ଷରୁ ପଦକ୍ଷେପ ନେବା ପାଇଁ ସଂଘ ପକ୍ଷରୁ ଦାବି କରାଯାଇଛି। ଉକ୍ତ ଦାବିପତ୍ର ପ୍ରଦାନ ବେଳେ ସଂଘର ସଭାପତି ସେମ ହେମରମ, ସମ୍ପାଦକ ଗୁଣନିଧି ବେହେରା, ଚନ୍ଦ୍ରମଣି ବେହେରାଙ୍କ ସମେତ ବହୁ ଚାଷୀ ଉପସ୍ଥିତ ଥିଲେ।

**ଭାରତ ଯୋଡୋ ଯାତ୍ରାରେ ପୂର୍ବତନ ଭରସୁଜା ସରପଞ୍ଚ**

ଲୋଇସିଂହା,(ଡି.ଏନ.ଏ): କଂଗ୍ରେସ ନେତା ରାହୁଲ ଗାନ୍ଧୀ ଭାରତ ଯୋଡୋ ଯାତ୍ରା ଏବେ ସାରା ଦେଶରେ ଚର୍ଚ୍ଚାରେ ରହିଛି। ଲୁଧିଆନାଠାରେ ଚାଲିଥିବା ପଦଯାତ୍ରାରେ ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ଭରସୁଜାର ପୂର୍ବତନ ସରପଞ୍ଚ ତଥା ରାଜୀବ ଗାନ୍ଧୀ ପଞ୍ଚାୟତିରାଜ ସଂଗଠନର ଜିଲା ସଭାପତି ଗଣେଶ ସାହୁ ସାମିଲ ହୋଇଥିଲେ। ଏହି ଅବସରରେ ସେ ରାହୁଲ ଗାନ୍ଧୀଙ୍କୁ ସାକ୍ଷାତ୍ କରିଥିବା କହିଛନ୍ତି।

## ସଂକ୍ଷେପରେ

### ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଶୁଭସ୍ତମ୍ଭ ସ୍ଥାପନ



**ଗୁଡ଼ଭେଲା,୧୯।୧(ଡି.ଏନ.ଏ.):** ଆସନ୍ତା ମାଘ ଶୁକ୍ଳପକ୍ଷ ଦ୍ୱିତୀୟ ତିଥିରେ ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ଜାମୁଟ ଗ୍ରାମରେ ନିର୍ମିତ ଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ପାଇଁ ଗୁରୁବାର ଶୁଭସ୍ତମ୍ଭ ସ୍ଥାପନ କରାଯାଇଛି। ପଣ୍ଡିତ ଯୁଧିଷ୍ଠିର ହୋତା ପୂଜା କାର୍ଯ୍ୟ ସମ୍ପାଦନ କରିଥିଲେ। ମୁଖ୍ୟ ସେବକ ଡୋଳାମାଣୀ ମାଝି କର୍ତ୍ତା କାର୍ଯ୍ୟ ତୁଲାଇଥିଲେ।

### ସହାୟକ ଉପକରଣ ବଣ୍ଟନ ଚିହ୍ନଟ ଶିବିର

**ଲୋଇସିଂହା,୧୯।୧(ଡି.ଏନ.ଏ.):** ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ପରିସରରେ ଶିକ୍ଷା ବିଭାଗ ପକ୍ଷରୁ ଭିନ୍ନକ୍ଷମ ଛାତ୍ରୀଛାତ୍ରଙ୍କୁ ସହାୟତା ଉପକରଣ ବଣ୍ଟନ ନିମନ୍ତେ ବ୍ଲକସ୍ତରୀୟ ଚିହ୍ନଟ ଶିବିର ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ବିଇଓ ରୀନା କୁମାରୀ ବେହେରା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଡା.ସୁରେନ୍ଦ୍ର କୁମାର ଭୋଇ, ଡା.ବିଶ୍ୱଜିତ କାନୁନଗୋ, ସମଗ୍ର ଶିକ୍ଷା ବିଭାଗ ଅନ୍ତର୍ନିବେଶୀ ସଂଯୋଜକ ପ୍ରଶାନ୍ତ ସରାଫ, ଏବିଓ ରବୀନ୍ଦ୍ର ସାହୁ, ଯୋଗିଆ ବରିହା ଅତିଥିଭାବେ ଯୋଗଦେଇଥିଲେ। ଶିବିରରେ ୧ ଶହ ଭିନ୍ନକ୍ଷମ ଛାତ୍ରୀଛାତ୍ର ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ। ସେଥିରୁ ୪୯ ଜଣଙ୍କୁ ସହାୟକ ଉପକରଣ ଯୋଗାଣ ପାଇଁ ଚିହ୍ନଟ କରାଯାଇଥିଲା। ସିଆରସିସି ସଦାନନ୍ଦ ଭୋଇ, ନବକିଶୋର ସାମଲ ଓ ଅମ୍ବରୀଶ ପଟେଲ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଦୋଳ ପୂର୍ଣ୍ଣମୀ ପାଇଁ ପ୍ରସ୍ତୁତି ବୈଠକ

**ସଇଁତଲା,୧୯।୧(ଡି.ଏନ.ଏ.):** ଆସନ୍ତା ଦୋଳ ପୂର୍ଣ୍ଣମୀ ଉତ୍ସବ ପାଇଁ ବଲାଙ୍ଗୀର ଜିଲା ସଇଁତଲା ଚଣ୍ଡୀ ମନ୍ଦିର ସମ୍ମୁଖରେ ଚବିଶ ପ୍ରହର ଓ ସାର୍ବଜନୀନ ଦୁର୍ଗାପୂଜା କମିଟି ଆହ୍ୱାନକ୍ରମେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସାର୍ବଜନୀନ ଦୁର୍ଗାପୂଜା କମିଟି ସମ୍ପାଦକ ସୁବୋଧ ମିଶ୍ରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି ବୈଠକରେ ପୂର୍ବତନ ମନ୍ତ୍ରୀ ସୁରେନ୍ଦ୍ର ସିଂ ଭୋଇ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ଶ୍ରୀକିଶନ ଅଗ୍ରୱାଲ, ସୁବାଷ ରଥ, ସୂର୍ଯ୍ୟ ଶତପଥୀ, ରାଧେଶ୍ୟାମ ସାହୁ, ପ୍ରମୋଦ ଅଗ୍ରୱାଲ, ଶେଷଦେବ ଜାନୀ, ଝସକେତନ ମନହୀରା, ସତ୍ୟନାରାୟଣ ପଣ୍ଡା, ଗୁଣସାଗର ମାଝି ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। ବୈଠକରେ ଦୋଳ ପୂର୍ଣ୍ଣମୀ ମହୋତ୍ସବ ମାର୍ଚ୍ଚ ୪ରୁ ୮ ତାରିଖ ପର୍ଯ୍ୟନ୍ତ ପାଳନ କରାଯିବାକୁ ସ୍ଥିରୀକୃତ ହୋଇଥିଲା। ବୈଠକରେ ବିଭିନ୍ନ ପଞ୍ଚାୟତର ସରପଞ୍ଚ, ଚବିଶ ପ୍ରହର କମିଟିର ଦୁର୍ବାଦଳ ପଶାୟତ, ସର୍ବେଶ୍ୱର ଦଣ୍ଡସେନା, କାର୍ତ୍ତିକ ଦଣ୍ଡସେନା, କିରଣ ମିଶ୍ରପ୍ରମୁଖଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ।

### ସାଧାରଣତନ୍ତ୍ର ଦିବସ ପାଳନ ଲାଗି ପ୍ରସ୍ତୁତି

ମୁରିବାହାଲ, ୧୯।୧(ଡି.ଏନ.ଏ.) ବଲାଙ୍ଗୀର ଜିଲା ମୁରିବାହଲ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଜୁନିୟର କଲେଜ ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦ, ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ବିପିଏମ ଗୋପାଳ ଦୀପ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶ୍ରୀବତ୍ସ ବେହେରା, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପିତାମ୍ବର ବେଶ୍ରା, ପରିଦର୍ଶିକା ବସନ୍ତି ଭୋଇ ଉପସ୍ଥିତ ରହି ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ମୁରିବାହଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ପାଳନ କରିବା ପାଇଁ ମତ ରଖିଥିଲେ। ପ୍ରଥମରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଚିତ୍ରାଙ୍କନ, ବକ୍ତୃତ, ପ୍ରବନ୍ଧ ରଚନା ଓ ସଙ୍ଗୀତ ପ୍ରଭୃତି ଇଭେଣ୍ଟରେ ପ୍ରୀତିଯୋଗୀତାମାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଏଥିସହ ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ପ୍ରଦର୍ଶନ କରିଥିବା ବ୍ୟକ୍ତିବିଶେଷଙ୍କୁ ସମ୍ବର୍ଦ୍ଧିତ କରିବାକୁ ନିଷ୍ପତ୍ତି ନିଆଯାଇଛି। ରିଙ୍କି ମେହେର, ଅଗସ୍ତି ବାଘାର, ତରାଣୀସେନ ମେହେର ପ୍ରମୁଖ ଉପସ୍ଥିତ ରହି ଉତ୍ସବକୁ ସରସ ସୁନ୍ଦର କରିବା ଉପରେ ମତ ରଖିଥିଲେ।

# ତଦନ୍ତ କଲେ ଓମ୍ବୁଡସମ୍ୟାନ୍

## ଏମ୍‌ଜିଏନ୍‌ଆରଇଜିଏସ କାମରେ ଅନିୟମିତତା ଘଟଣା

■ତଦନ୍ତ ଦାବି କରି ବ୍ଲକ ଅଫିସରେ ଭଙ୍ଗାରୁଜା ହୋଇଥିଲା

**ଖପ୍ରାଖୋଲ,୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ମହରାପଦର ପଞ୍ଚାୟତ ଅନ୍ତର୍ଗତ ସର୍ଗିପାଲି ଗାଁରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କେନାଲ ଖୋଳା କାମରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଥିଲା। ଏହାକୁ ନେଇ ଅସନ୍ତୁଷ୍ଟ ଶ୍ରମିକ ମଙ୍ଗଳବାର ବ୍ଲକ କାର୍ଯ୍ୟାଳୟରେ ଭଙ୍ଗାରୁଜା କରିବା ସହ ଧାରଣା ଦେଇଥିଲେ। ଏହି ଘଟଣାର ତଦନ୍ତ ଓମ୍ବୁଡସମ୍ୟାନ କରିବେ, ରିପୋର୍ଟ ଆଧାରରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେତେବେଳେ ବିଡ଼ିଓ କହିଲା ପରେ ଆନ୍ଦୋଳନ ହଟିଥିଲା। ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଆଇନ ଅନୁସାରେ ଓମ୍ବୁଡସମ୍ୟାନ ମାମଲା ରୁଜୁ କରି ତଦନ୍ତ ତାରିଖ ଧାର୍ଯ୍ୟ କରିଥିଲେ। ଧାର୍ଯ୍ୟ ତାରିଖ ଅନୁସାରେ ଓମ୍ବୁଡସମ୍ୟାନ ସଚ୍ଚିଦାନନ୍ଦ ହନୁମାନ



ଓମ୍ବୁଡସମ୍ୟାନ ଅନ୍ୟ ଅଧିକାରୀଙ୍କ ସହ ସର୍ଗିପାଲି ଗାଁରେ ତଦନ୍ତ କରୁଛନ୍ତି।

ଗୁରୁବାର ସର୍ଗିପାଲି ଗାଁରେ ପହଞ୍ଚିଥିଲେ। କାମସ୍ଥଳକୁ ଯାଇ ଦେଖିବା ସହ ଆଉଥରେ ମାପ କରାଯାଇଥିଲା। ଅଭିଯୋଗକାରୀଙ୍କୁ ମଧ୍ୟ ଜଣଜଣ କରି ପଚରାଉଚରା କରିଥିଲେ। ଜିଲା ମୁଖ୍ୟାଳୟରୁ ଏମସି ଅଶୋକ କୁମାର ସାହୁ, ଆସିଷ୍ଟାଣ୍ଟ ସତ୍ୟନାରାୟଣ ମହାନ୍ତି, ପାଟଣାଗଡ ସହକାରୀ ନିର୍ବାହୀ ଯନ୍ତ୍ରୀ ତନ କିଶୋର ନାଏକ, କନିଷ୍ଠ ଯନ୍ତ୍ରୀ ରଜନୀକାନ୍ତ ବେହେରା ତଦନ୍ତକାରୀ ଦଳରେ ସାମିଲ ଥିଲେ। ଖପ୍ରାଖୋଲ ବିଡ଼ିଓ ରଶ୍ମିରଞ୍ଜନ ରାଉତ, ସହକାରୀ ଯନ୍ତ୍ରୀ ମହେଶଲାଲ ଅଗ୍ରୱାଲ, ଏପିଓ ପ୍ରଶାନ୍ତ କୁମାର ସାହୁ, ସରପଞ୍ଚ ସୁମତି ପ୍ରଧାନ ପ୍ରମୁଖ ଏଡି ଅବସରରେ ଉପସ୍ଥିତ ଥିଲେ। ଶାନ୍ତିଶୃଙ୍ଖଳା ପାଇଁ ପୋଲିସ ମୁତୟନ ହୋଇଥିଲେ। ମାଜିଷ୍ଟ୍ରେଟ ଦାୟିତ୍ୱରେ ଖପ୍ରାଖୋଲ ତହସିଲଦାର ଆଦିତ୍ୟ ପ୍ରସାଦ ମିଶ୍ର ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ ଯେ, ଚାଷୀଙ୍କ ଅଜାଣତରେ ଘରୋଇ ଜମିରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କେନାଲ ଖୋଳା କାମ ହୋଇଥିଲା। କାମ କରିଥିବା ଶ୍ରମିକଙ୍କୁ ମଜୁରି ମିଳି ନ ଥିବା ବେଳେ ନିୟୋଜିତ ହୋଇ ନ ଥିବା ବ୍ୟକ୍ତିଙ୍କ ନାମରେ ମଜୁରି ପଡିଥିବା ଅଭିଯୋଗ ରହିଥିଲା।

# ପରମ୍ପରା ବଜାୟ ରଖିବାକୁ ହେବ




ପୁଷ୍ପୁନି ଭେଟ୍‌ଘାଟରେ ମଞ୍ଚାସୀନ ଅତିଥି।

## କରୁଆଝରରେ ପୁଷପୁନି ଭେଟ୍‌ଘାଟ

**ଲାଠୋର,୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅନ୍ତର୍ଗତ କରୁଆଝର ଗ୍ରାମରେ ଗୁରବାର ପୁଷପୁନି ଭେଟଘାଟ ଅନୁଷ୍ଠିତ ହୋଇଯାଇଛି। ଜୟ ଜଗନ୍ନାଥ ଯୁଥ କମିଟି ଚାରିଟେବୁଲ ଟ୍ରଷ୍ଟ ସଭାପତି ଗିରୀଶ ଚନ୍ଦ୍ର ଭୋଇଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିଥିଭାବେ ଜାତୀୟ ମାନବାଧିକାର କମିଟି ସଦସ୍ୟ ଜନସନ ନାଗ, କବି ରାଜ କିଶୋର ଭୋଇ, ଗୌଣ୍ଟିଆ ଫକିର ମୋହନ ପ୍ରଧାନ, ସରପଞ୍ଚ ଜପସ୍ୱିନ ସାହୁ, ସମିତି ସଭ୍ୟ ସନ୍ତୋଷ ତାଣ୍ଡି ଯୋଗ ଦେଇଥିଲେ। ମୁଖ୍ୟବକ୍ତାଭାବେ ବରିଷ୍ଠ ଶିକ୍ଷକ ମୁକୁନ୍ଦଲାଲ ସାହୁ ଯୋଗଦେଇ ପୁଷପୁନି ପର୍ବର ମହନୀୟତା ସମ୍ପର୍କରେ ଆଲୋଚନା କରି ପରମ୍ପରା ବଞ୍ଚାଇ ରଖିବା ଆବଶ୍ୟକତା ରହିଛି ବୋଲ କହିଥିଲେ। ଏହି ଅବସରରେ କରୁଆଝର ରାଧାକୃଷ୍ଣ ରସମଣ୍ଡଳୀ ସମ୍ପ୍ରଦା ଦଳର ଧୁବଲ ଶବରଙ୍କ ନେତୃତ୍ୱରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଏଥିସହ ପଞ୍ଚାୟତ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ସମ୍ବଲପୁରୀ ନୃତ୍ୟଗୀତ ପରିବେଷଣ କରିଥିଲେ। ଶିକ୍ଷକ ରମେଶ ଚନ୍ଦ୍ର ଭୋଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଚାରିଟେବୁଲ ଟ୍ରଷ୍ଟ ସମ୍ପାଦକ ରୋହିତ ଦଣ୍ଡସେନା, କୁଳମଣି ମୁଦୁଲି, ବିପିନ ସାହୁ, ତୁଳାରାମ ବରିହା, ମହେନ୍ଦ୍ର ସାହୁ ଏହି ଅବସରରେ ଉପସ୍ଥିତ ଥିଲେ।

# ଘଣ୍ଟାଶୁନି ଲୋକ ଉତ୍ସବ ଉଦ୍‌ଯାପିତ



ଉଦ୍‌ଯାପନୀ ସଭାରେ ଉପସ୍ଥିତ ମନ୍ତ୍ରୀ ଓ ଅତିଥି ବୃନ୍ଦ।

**ଟିଟିଲାଗଡ, ୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡରେ ଉପଖଣ୍ଡସ୍ତରୀୟ ଘଣ୍ଟାଶୁନି ଲୋକ ଉତ୍ସବ ବୁଧବାର ରାତିରେ ଉଦ୍‌ଯାପିତ ହୋଇଯାଇଛି। ମଶାଲ ଶୋଭାଯାତ୍ରା ସହର ପରିକ୍ରମା କରିବା ପରେ ଲୋକ ଉତ୍ସବର ଉଦଘାଟନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ଲୋକଉତ୍ସବ କମିଟି ଅଧକ୍ଷ ତଥା ଉପଜିଲାପାଳ ଦୟାମୟ ପାଢ଼ୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବକୁ ମୁଖ୍ୟଅତିଥିଭାବେ ବଲାଙ୍ଗୀର ଏମ୍‌ପି ସଙ୍ଗୀତା କୁମାରୀ ସିଂଦେଓ, ସମ୍ମାନୀତ ଅତିଥିଭାବେ ରାଜ୍ୟ ସଭା ସାଂସଦ ନିରଞ୍ଜନ ବିଶି ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପରେ ଉପଖଣ୍ଡସ୍ତରୀୟ ଲୋକ ଉତ୍ସବକୁ ମନୋନୀତ ହୋଇଥିବା କଳାକାରମାନେ କଳା ପ୍ରଦର୍ଶନ କରିଥିଲେ। ସନ୍ଧ୍ୟାରେ ଉଦ୍‌ଯାପନୀ ସମାରୋହ ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥିଭାବେ ଜଳସମ୍ପଦ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ଟୁକୁନୀ ସାହୁ, ସମ୍ମାନୀତ ଅତିଥିଭାବେ ପୌରଧାକ୍ଷା ମମତା ଜୈନ, ଜିଲା ପରିଷଦ ଅଧକ୍ଷା ଦେବକୀ ସାହୁ, ଟିଟିଲାଗଡ ପଞ୍ଚାୟତ ସମିତି ଅଧକ୍ଷା ସଂଯୁକ୍ତା ନାଏକ, ଜିଲା ପରିଷଦ ସଭ୍ୟା ଗୀତା ବିଶି, ଟିକି ପୋଢ଼, ଜିଲା ପରିଷଦ ସଭ୍ୟ ସଞ୍ଜୟ ବେହେରା, ପ୍ରମୋଦ କୁମାର ଭୋଇ ମଞ୍ଚାସୀନ ହୋଇଥିଲେ। ସମ୍ମାନୀତ ଅତିଥିମାନେ ସେମାନଙ୍କ ବକ୍ତବ୍ୟ ;ରେ ଟିଟିଲାଗଡ ଜିଲା ଗଠନ ଦାବିକୁ ଉପସ୍ଥାପନ କରିଥିଲେ। ଏହି ଅବସରରେ କୃତୀ କଳାକାରମାନଙ୍କୁ ମନ୍ତ୍ରୀ ସାହୁ ପୁରସ୍କୃତ କରିଥିଲେ। ମୁଖ୍ୟବକ୍ତାଭାବେ ଯୋଗଦେଇ ବ୍ୟଙ୍ଗକବି ଅଚ୍ୟୁତ ପୁରୋହିତ ପରମ୍ପରିକ ଲୋକକଳା ଓ ସଂସ୍କୃତିର ପୁନରୁଥାନରେ ଲୋକ ମହୋତ୍ସବ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରୁଛି ବୋଲି କହିଥିଲେ। ଉପଜିଲାପାଳ ପାଢ଼ୀ ସଭାରେ ଅଧକ୍ଷତା କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ଟିଟିଲାଗଡ଼ ବିଡ଼ିଓ ନବୀନ ଚନ୍ଦ୍ର ନାଏକ, ତହସିଲଦାର ପ୍ରେମଲାଲ ହିଆଲ, ପୌର ନିର୍ବାହୀ ଅଧିକାରୀ ବିପିନ ବିହାରୀ ଦୀପ, ସହକାରୀ ଜିଲାପାଳ ଡ଼ ଲଳିତ ବାଗ, ଏସଡ଼ିପିଓ ଅଙ୍କିତା କୁମ୍ବାର, ଆଇଆଇସି ରଞ୍ଜନ ବରିହା ସହଯୋଗ କରିଥିଲେ।

# ଆଶାକର୍ମୀ ସଂଘର ନୂତନ କର୍ମକର୍ତ୍ତା

**ମୁରିବାହାଲ, ୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ମୁରିବାହାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ କାର୍ଯ୍ୟରତ ନିଖିଳ ଓଡ଼ିଶା ଆଶାକର୍ମୀ ମାନଙ୍କର ନୂତନ ବ୍ଲକ କମିଟି ଗରୁବାର ଗଠନ ହୋଇଛି। ଯୋଗେଶ୍ୱର ବିହାରଠାରେ ବ୍ଲକର ସମସ୍ତ ୨୯୦ ଆଶାକର୍ମୀ ବୈଠକରେ ଉପସ୍ଥିତ ଥିଲେ। ସଂଘ ସଭାପତି ପୁଷ୍ପଲତା ଧୀରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସର୍ବସମ୍ମତିକ୍ରମେ ସଭାପତିଭାବେ ପଦ୍ମନାଭ ସାହୁ, ଉପସଭାପତି ଝସକେତନ ଦୀପ, କାଶୀରାମ ମେହେର, ବବିତା ଘିଭେଲା, ସୁଷମା ମେହେର, ସାଧାରଣ ସମ୍ପାଦିକାଭାବେ ପୁଷ୍ପା କିମ୍ବାର, ସମ୍ପାଦିକା କଳାବତୀ ବିଭାର, ନଳିନୀ ରଣା, ଆରତୀ ସୁନା, ମଧୁସୂତା ଦାସ, କୋଷାଧକ୍ଷ ଧାଈ ରଣା, ଲବଣୀ ତାଣ୍ଡି, ସଭ୍ୟଭାବେ ଭାରତୀ ରଣା, ସୁଭାସିନୀ ତାଣ୍ଡି ଓ ଅଭିତୁଲା ପରାଭୋଇଙ୍କୁ ନିର୍ବାଚିତ କରାଯାଇଛି। ଉକ୍ତ କମିଟି ଆସନ୍ତା ୩ବର୍ଷ ପାଇଁ କାର୍ଯ୍ୟ କରିବ।

# ଶମ୍ଭୁପ୍ରସାଦ ସଭାପତି, ରାଜେଶ ସମ୍ପାଦକ

## ଟିଟିଲାଗଡ଼ ବଣିକ ସଂଘ ନିର୍ବାଚନ

**ଟିଟିଲାଗଡ, ୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଟିଟିଲାଗଡ଼ ବଣିକ ସଂଘର ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଛି। ଆସନ୍ତା ୨୨ ତାରିଖ ନିର୍ବାଚନ ତାରିଖ ଧାର୍ଯ୍ୟ ଥିବାବେଳେ, ପ୍ରାର୍ଥୀପତ୍ର ପ୍ରତ୍ୟାହାର ପରେ ଚିତ୍ର ସ୍ପଷ୍ଟ ହୋଇଛି। ନିର୍ବାଚନ ଅଧିକାରୀ ରାଧେଶ୍ୟାମ ଅଗ୍ରୱାଲ ଓ ଡମ୍ବରୁଧର କର୍ମୀ ସମସ୍ତ ପଦାଧିକାରୀଙ୍କୁ ନିର୍ଦ୍ୱନ୍ଦ୍ୱ ଘୋଷଣା କରିଛନ୍ତି। ସଭାପତଭାବେ ଶମ୍ଭୁପ୍ରସାଦ ଗୋଏଲ, ସମ୍ପାଦକ ରାଜେଶ ଅଗ୍ରୱାଲ, ଉପସଭାପତି ମନୀଷ ଗୁପ୍ତା, ସହସମ୍ପାଦକ ସଞ୍ଜୀବ ସୋନି, କୋଷାଧକ୍ଷ ଅଙ୍କୁର ଅଗ୍ରୱାଲ ଏବଂ କାର୍ଯ୍ୟକାରୀ ସଭ୍ୟଭାବେ ନିରଞ୍ଜନ ଶର୍ମା ସୁବୋଧ ଦାଶ, ମହେଶ ଅଗ୍ରୱାଲ, ଶେଖର ଅଗ୍ରୱାଲ, ନୀତେଶ ଜୈନ, ଦୀପକ ସମଦ୍ଦାର, ବିଜୟ ମେହେରଲ ସୁରେନ୍ଦ୍ର ମୋରୋ, ମୋହନଲାଲ ଗୁପ୍ତା ଓ ଦେବୀପ୍ରସାଦ ଶର୍ମା ନିର୍ବାଚିତ ହୋଇଛନ୍ତି।



ଶମ୍ଭୁ ଗୋୟଲ



ରାଜେଶ ଅଗ୍ରୱାଲ

# ମୃତ ଶ୍ରମିକ ପରିବାରଙ୍କୁ ଭେଟିଲେ ବିଧାୟକ

**ଲୋଇସିଂହା,୧୯।୧(ଡି.ଏନ.ଏ)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ ବକଟି ପାକ୍ସରେ ଧାନଲୋଡିଂ ବେଳେ ଟ୍ରକରୁ ଖସି ପଡିଥିବା ଶ୍ରମିକ ପ୍ରମୋଦ ସା(୩୦)ଙ୍କ ଚିକିତ୍ସାଧୀନ ଅବସ୍ଥାରେ ବୁଧବାର ମୃତ୍ୟୁ ଘଟିଥିଲା। ଗୁରୁବାର ବିଧାୟକ ମୁକେଶ ମହାଲିଙ୍ଗ ମୃତ ଶ୍ରମିକଙ୍କ ବକଟିସ୍ଥିତ ଘରେ ପହଞ୍ଚି ତାଙ୍କ ପରିବାର ଲୋକଙ୍କୁ ସମବେଦନା ଜଣାଇଥିଲେ। ସମ୍ପର୍କୀୟଙ୍କୁ ସରକାରୀ ସହାୟତା କିପରି ଶୀଘ୍ର ମିଳିବ ସେ ଦିଗରେ ଉଦ୍ୟମ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ପରେ ପାକ୍ସ ପରିଦର୍ଶନରେ ଯାଇଥିଲେ। ଘଟଣା ଦିନ କେଉଁ ପରିସ୍ଥିତିରେ ଏପରି ଦୁର୍ଘଟଣ ଘଟିଲା ସେ ନେଇ ସମ୍ପାଦକ ଏବଂ ପାକ୍ସରେ ନିୟୋଜିତ ଶ୍ରମିକଙ୍କୁ ପଚାରି ବୁଝିଥିଲେ। ଘଟଣା ଦିନ ଗୁରୁତର ପ୍ରମୋଦଙ୍କୁ ପାକ୍ସ କର୍ତ୍ତୃପକ୍ଷଙ୍କ ଅଣଦେଖାକୁ ନେଇ ଅସନ୍ତୋଷବ୍ୟକ୍ତ



ବିଧାୟକ ମୁକେଶ ମହାଲିଙ୍ଗ ମୃତ ଶ୍ରମିକଙ୍କ ପରିବାର ସହ ଆଲୋଚନା କରୁଛନ୍ତି।

କରିଥିଲେ। ପାକ୍ସରେ ନିୟୋଜିତ ଶ୍ରମିକଙ୍କ ସୁରକ୍ଷା ଦିଗରେ ସମବାୟ ଓ ଯୋଗାଣ ବିଭାଗ ଦୃଷ୍ଟି ଦେଉ ନ ଥିବାରୁ ବିଧାୟକ ଉଦ୍‌ବେଗ ପ୍ରକାଶ କରିଥିଲେ। ବକଟି ପାକ୍ସରେ ଗତ ସୋମବାର ସଇଁତଲା ଶିବା ଏଗ୍ରୋ ମିଲକୁ ଧାନ ପଠାଇବା ପାଇଁ ସାଥୀ ଶ୍ରମିକଙ୍କ ସହ ପ୍ରମୋଦ ଟ୍ରକରେ ଲୋଡ କରୁଥିଲେ। ଏତିକି ବେଳେ ସେ ତଳେ ଖସି ପଡିଥିଲେ ଓ ଧାନବସ୍ତା ତଳେ ଚାପି ହୋଇ ଯାଇଥିଲେ। ଗୁରୁତର ଥିଲେ ମଧ୍ୟ ପାକ୍ସ କର୍ତ୍ତୃପକ୍ଷ ଚିକିତ୍ସା ବ୍ୟବସ୍ଥା ନ କରାଇ ସାଥୀ ଶ୍ରମିକଙ୍କୁ ଘରେ ଛାଡି ଆସିବାକୁ କହିଥିଲେ। ଗୁରୁତର ଅବସ୍ଥାରେ ପରିବାର ଲୋକେ ତାଙ୍କୁ ଲୋଇସିଂହା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ବୁର୍ଲା ନେଇଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ପ୍ରମୋଦଙ୍କର ମୃତ୍ୟୁ ଘଟିଥିଲା।

# କପା ଓଜନରେ ଠକାମି ଘଟଣା, ୨ଗିରଫ

**ଖପ୍ରାଖୋଲ, ୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା କପସିପାଲି କୁଲୁଟାପଡ଼ାରରେ ଦୁଇଜଣ ବ୍ୟକ୍ତି ଚାଷୀଙ୍କ କପାକୁ ଓଜନରେ ଚଞ୍ଚକତ କରି ଠକୁଥିବା ବେଳେ ଧରା ପଡିଥିଲେ। ଉକ୍ତ ଘଟଣାରେ ପୋଲିସ ଗୋବିନ୍ଦ ସାହୁ (୪୦) ଓ ଅକ୍ଷୟ ମେହେର (୪୫)ଙ୍କୁ ଅଟକ ରଖିବା ସହ ଏକ ମିନିଟ୍ରକ ଜବତ କରିଥିଲା। ତଦନ୍ତ ପରେ ଇଲେକ୍ଟ୍ରୋନିକ୍ସ ଓଜନ ମେଶିନରେ ସେନ୍ସର ଖଞ୍ଜି ଏକ ଡାଏରୀ ମଧ୍ୟରେ ତାହାର ରିମୋଟ ରଖିଥିବା ଜାଣିବାକୁ ମିଳିଥିଲା। ଏକ ମାମଲା (୧୯/୨୩)ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# ଅଙ୍ଗନୱାଡି କେନ୍ଦ୍ରରେ ମଧୁସୂଦନ ରାଓ ଜୟନ୍ତୀ



ଛାତ୍ରୀଛାତ୍ରଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ପ୍ରଦାନ କରାଯାଉଛି।

**ଲୋଇସିଂହା, ୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଅନ୍ତର୍ଗତ ଛେଲବାହାଲ ଗ୍ରାମର ଅଙ୍ଗନୱାଡି କେନ୍ଦ୍ରରେ ଭକ୍ତକବି ମଧୁସୂଦନ ରାଓଙ୍କ ଜନ୍ମଦିବସ ପାଳିତ ହୋଇଯାଇଛି। ମଧୁସୂଦନ ରାଓଙ୍କ ରଚିତ ବର୍ଣ୍ଣବୋଧରେ ଥିବା ଛାନ୍ଦ, ଶିଶୁ ଗୀତ ଆଦି କୋମଳମତି ବାଳିକା ବାଳିକଙ୍କ ମନରେ କିପରି ଗଭୀର ପ୍ରଭାବ ପକାଏ ସେ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଙ୍ଗନୱାଡି କେନ୍ଦ୍ରର ଦିଦି ଜୟନ୍ତୀ ମିଶ୍ର ଶିଶୁ ସାହିତ୍ୟ ରଚନାରେ ମଧୁସୂଦନ ରାଓଙ୍କ କୃତି ଓ କୀର୍ତ୍ତି ସ୍ଥାପନ ତାଙ୍କୁ ଚିରସ୍ମରଣୀୟ ରଖିବ ବୋଲି କହିଥିଲେ। ନିମନ୍ତ୍ରିତ ବକ୍ତାଭାବେ ବିଲୋଇସର୍ଡା ଜବାହାରଲାଲ ହାଇସ୍କୁଲ ଶିକ୍ଷକ ରଞ୍ଜିତ ମିଶ୍ର ଯୋଗଦେଇଥିଲେ। ନୂଆଦେଇ କର୍ମୀ, ସୂର୍ଯ୍ୟକାନ୍ତୀ ସାହୁ, ଭାନୁମତୀ ବେହେରା ପ୍ରମୁଖ ରାଓଙ୍କ ସ୍ତୁତିଚାରଣ କରିଥିଲେ। ଏହି ଅବସରରେ ଅଙ୍ଗନୱାଡି କେନ୍ଦ୍ରର ସମସ୍ତ ଛାତ୍ରୀଛାତ୍ରଙ୍କୁ ଛବିଳ ମଧୁ ବର୍ଣ୍ଣବୋଧ ପୁସ୍ତକ ବିତରଣ କରାଯାଇଥିଲା।

# ନେତାଜୀ ରଥକୁ ଭବ୍ୟ ସ୍ୱାଗତ

**କଣ୍ଟାବାଞ୍ଜି,୧୯।୧(ଡି.ଏନ.ଏ.)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜିଠାରେ ଗୁରୁବାର ନେତାଜୀ ସୁବାଷ ଚନ୍ଦ୍ର ବୋଷ ସଚେତନତା ରଥକୁ ଭବ୍ୟ ସ୍ୱାଗତ କରାଯାଇଛି। ସ୍ଥାନୀୟ ମହିଳା ଡିଗ୍ରୀ ମହାବିଦ୍ୟାଳୟ ଓ ମୁକୁନ୍ଦିଲାଲ ଅଗ୍ରୱାଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଛାତ୍ରୀ ଏବଂ ଅଧ୍ୟାପିକା, ଅଧ୍ୟାପକ ରଥକୁ ମହାବିଦ୍ୟାଳୟ ପରିସରରେ ସ୍ୱାଗତ କରିଥିଲେ। ମହିଳା ଡିଗ୍ରୀ ମହାବିଦ୍ୟାଳୟ ଅଧକ୍ଷ ରାଜେନ୍ଦ୍ର ପୁରୋହିତ, ମହିଳା ଉଚ୍ଚ ମାଧ୍ୟମିକା ବିଦ୍ୟାଳୟ ଅଧକ୍ଷା ରଞ୍ଜିତା ଗୁରୁ, ଅଧ୍ୟାପିକା ରଶ୍ମି ରମିତା ମେହେର, ନିରବତା ପ୍ରଧାନ, ଅଧ୍ୟାପକ ସୋମନାଥ ମେହେର, ରାଜୀବ ମେହେର, ଡକ୍ଟର ନେପାଳ ସେଠୀ, ଯୁଧିଷ୍ଠିର ବେହେରା, ଜିତେନ୍ଦ୍ର ସୁନା ଓ ଛାତ୍ରୀମାନେ ଉପସ୍ଥିତ ଥିଲେ। ଜାନୁୟାରୀ ୩ତାରିଖରୁ ବେଲପଡା ବ୍ଲକରୁ ବାହାରିଥିବା ସଚେତନତା ରଥ ଜିଲାର ୧୩ଟି ବ୍ଲକ ପରିକ୍ରମା ପରେ କଣ୍ଟାବାଞ୍ଜିରେ ପହଞ୍ଚିଥିଲା।



ନେତାଜୀ ରଥ କଣ୍ଟାବାଞ୍ଜିରେ ପହଞ୍ଚିବା ପରେ ସ୍ୱାଗତ କରାଯାଉଛି।

# ଆଇନସମ୍ମତ ଦାବି ପୂରଣ କରାଯିବ

## ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ

■ଅନ୍ତପାଲି ଗାଁରେ ସରିଲା ଜନଶୁଣାଣି

**ବଲାଙ୍ଗୀର ଅଫିସ, ୧୯।୧**

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପ୍ରଭାବିତ ଲୋଇସିଂହା ବ୍ଲକର ରେଙ୍ଗାଲି ପଞ୍ଚାୟତ ଅନ୍ତର୍ଗତ ଅନ୍ତପାଲି ଗ୍ରାମରେ ଗୁରୁବାର ଜନ ଶୁଣାଣି ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲାପାଳ ଚଞ୍ଚଳ ରାଣା, ଏସ୍‌ପି ନୀତିନ କୁଶଳକର, ଅତିରିକ୍ତ ଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ମହେନ୍ଦ୍ର କୁମାର ମହାପାତ୍ର, ଉପଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ସ୍ୱତନ୍ତ୍ର ଭୂଅର୍ଜନ ଅଧିକାରୀ କୁମାର ନାଗଭୂଷଣ, ମୁଖ୍ୟ ନିର୍ମାଣ ଯନ୍ତ୍ରୀ ନିରଞ୍ଜନ ରାଉତ, ଲୋଇସିଂହା ହସିଲଦାର ସଂଘମିତ୍ରା କାଲୋ, ବିଡିଓ ଆକାଶ ରଞ୍ଜନ ସାହୁ ଏବଂ ପ୍ରକଳ୍ପ ଦ୍ୱାରା ପ୍ରଭାବିତ ଅନ୍ତପାଲି ଗ୍ରାମର ଚିହ୍ନଟ ବିସ୍ଥାପିତ ଓ କ୍ଷତିଗ୍ରସ୍ତ ଗ୍ରାମବାସୀ




ଜନଶୁଣାଣିରେ ଉପସ୍ଥିତ ଅଧିକାରୀ ଓ ଗ୍ରାମବାସୀ।

ଯୋଗ ଦେଇଥିଲେ। ଜମି ଅଧିଗ୍ରହଣ, କ୍ଷତି ପୂରଣ ରାଶି ପ୍ରଦାନ ସମ୍ପର୍କରେ ଅତିରିକ୍ତ ଜିଲାପାଳ ତଥା ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ପୁନର୍ବାସ ଓ ଥଇଥାନ ପ୍ରକଳ୍ପ ନିର୍ଦ୍ଦେଶକ ମହାପାତ୍ର ଗ୍ରାମବାସୀଙ୍କୁ ବୁଝାଇଥିଲେ। ଜନ ଶୁଣାଣିରେ ଗ୍ରାମବାସୀ ସେମାନଙ୍କର ବ୍ୟକ୍ତିଗତ ତଥା ସାମୂହିକ ଆପତ୍ତି ଅଭିଯୋଗ ଦାଖଲ କରିଥିଲେ। ଆଗତ ଆପତ୍ତି ଅଭିଯୋଗର ଶୁଣାଣି ସହ ଆଇନ ଅନୁସାରେ ତର୍ଜମା କରାଯାଇ ଉଚିତ ପଦକ୍ଷେପ ନିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଗ୍ରାମବାସୀ ଉପସ୍ଥାପନ କରିଥିବା ବିଭିନ୍ନ ପ୍ରସ୍ତାବ ସମ୍ପର୍କରେ ଆଲୋଚନା କରାଯାଇ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲାପାଳ ରାଣା ପ୍ରକାଶ କରିଥିଲେ। ଆଇନସମ୍ମତ ଦାବି ନିଶ୍ଚିତ ଭାବରେ ପୂରଣ କରାଯିବ ଏବଂ ତତ୍‌ସଙ୍ଗେ ଆଲୋଚନା ମାଧ୍ୟମରେ ବିଭିନ୍ନ ସମସ୍ୟାଗୁଡିକର ସମାଧାନ କରାଯାଇପାରିବ ବୋଲି କହିଥିଲେ। ସର୍ଭେ ଓ ଜନ ଶୁଣାଣି କାର୍ଯ୍ୟକ୍ରମରେ ସହଯୋଗ କରି ଯଥାଶୀଘ୍ର ନିଜ ନିଜର ନ୍ୟାୟୋଚିତ ପ୍ରାପ୍ୟ ଗ୍ରହଣ କରିବାକୁ ଜିଲାପାଳ ଅନୁରୋଧ କରିଥିଲେ। ଗ୍ରାମର ଅନ୍ୟାନ୍ୟ ସଦସ୍ୟ ଘାସିରାମ ରାଜପୁତ, ଅଜିତ ରାଜପୁତ, ଜଗଦୁ ଛତ୍ରିଆ, ଶିପତି କଲେତ, ହେମନ୍ତ ରାଜପୁତ ଜନ ଶୁଣାଣି ପରିଚାଳନାରେ ସାହାଯ୍ୟ କରିଥିଲେ।

## ସଂକ୍ଷେପରେ

### ରାସ୍ତା ତଳକୁ ଖସିଲା ଯାତ୍ରୀବାହୀ ବସ୍

■ ଅଳ୍ପକେ ବର୍ତ୍ତିଲେ ୪୦ ଯାତ୍ରୀ



ବୌଦ୍ଧ,୧୯।୧(ସ୍ୱ.ପ୍ର.): ବୌଦ୍ଧ ଜିଲା ହରଭଙ୍ଗା ବ୍ଲକର ପୁରୁଣାକଟକ ଥାନା ଅନ୍ତର୍ଗତ ଖୋର୍ଦ୍ଧା-ବଲାଙ୍ଗୀର ୫୭ନମ୍ବର ଜାତୀୟ ରାଜପଥର କରଡାକୋଠା ନିକଟରେ ଗୁରୁବାର ଭୋର ସମୟରେ ଏକ ଘରୋଇ ଯାତ୍ରୀବାହୀ ବସ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ୪୦ ଜଣ ଯାତ୍ରୀ ଅଳ୍ପକେ ବର୍ତ୍ତି ଯାଇଛନ୍ତି । ସୂଚନା ମୁତାବକ, ଗ୍ରୀନ ବେଲୁନ ନାମକ ଏକ ଘରୋଇ ବସ ଭୁବନେଶ୍ୱରରୁ ଆଗଲପୁର ଆସୁଥିବା ବେଳେ କରଡାକୋଠା ନିକଟରେ ଭାରସାମ୍ୟ ହରାଇ ସେଫଟି ପିଲରରେ ବାଡେଇ ହୋଇ ରାସ୍ତା ତଳକୁ ଖସି ପଡିଥିଲା। କିନ୍ତୁ ବସରେ ଥିବା ଯାତ୍ରୀ ଏକ ବଡ ଦୁର୍ଘଟଣାରୁ ରକ୍ଷା ପାଇ ଯାଇଥିଲେ। ଯାତ୍ରୀମାନଙ୍କୁ ଅନ୍ୟ ଏକ ବସ ଯୋଗେ ଗନ୍ତବ୍ୟ ସ୍ଥଳକୁ ପଠାଯାଇଥିବା ଜଣାପଡିଛି। ପୁରୁଣାକଟକ ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି ।

### ମଦ ଜବତ: ଜଣେ ଗିରଫ

ଅମରପାଲି,୧୯।୧(ଡି.ଏନ.ଏ.): ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଖଣ୍ଡହତା ପଞ୍ଚାୟତ ଅନ୍ତର୍ଗତ ଗୁଡ଼ିପାଲି ଗାଁରେ ଅବକାରୀ ବିଭାଗ କର୍ମଚାରୀମାନେ ଚଢାଉ କରି ବେଆଇନ ମଦ କାରବାର ଅଭିଯୋଗରେ ଶିବ ସୁନାଙ୍କୁ ଗିରଫ କରିଛନ୍ତି । ତାଙ୍କଠାରୁ ୧୪ ଲିଟର ଦେଶୀ ରନ୍ଧାମଦ ଜବତ ହୋଇଛି। ଜିଲା ଅବକାରୀ ଅଧୀକ୍ଷକଙ୍କ ନିର୍ଦ୍ଦେଶରେ ଇନ୍ସପେକ୍ଟର ପ୍ରକାଶ ସାଙ୍କ ନେତୃତ୍ୱରେ ଏହି ଚଢାଉ କରାଯାଇଥିଲା । ଚଢାଉରେ କନଷ୍ଟେବଲ ଗଣେଶ ଭୋଇ, ଉର୍ବି ମାଝି, ରିଙ୍କି ସେଠ, ପ୍ରଭାତ ସାହୁ ପ୍ରମୁଖ ସାମିଲ ଥିଲେ ।

### ସିଆର୍‌ପିଏଫ୍‌ର ସିଭିକ୍ ଆକ୍ସନ କାର୍ଯ୍ୟକ୍ରମ



ପଦ୍ମପୁର,୧୯।୧(ଡି.ଏନ.ଏ.): ବରଗଡ଼ ଜିଲା ଜଗଦଲପୁର ଥାନା ପରିସରରେ ଥିବା ଇ/୧୮୯ ବ୍ୟାଟାଲିୟନର ସିଆର୍‌ପିଏଫ୍ ଯବାନମାନଙ୍କ ଦ୍ୱାରା ଜଗଦଲପୁରଠାରେ ସିଭିକ ଆକ୍ସନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କମାଣ୍ଡାଣ୍ଟ ପବନ କୁମାର ତିୱାରୀ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନୀନା ଶର୍ମା, ଜଗଦଲପୁର ସରପଞ୍ଚ ଗୋବର୍ଦ୍ଧନ ନାୟକ, ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡା. ଗାୟତ୍ରୀ ନନ୍ଦ, ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅଶ୍ୱିନୀ ମିଶ୍ର, ମଧଇଂରାଜୀ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଦୀପ ପଟେଲ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋଲକ ପ୍ରସାଦ ପ୍ରଧାନ ଯୋଗଦାନ କରି ପୋଲିସ ଓ ଜନସାଧାରଣଙ୍କ ମଧରେ ଉତ୍ତମ ସମ୍ପର୍କ ରଖିବାକୁ ମତ ଦେଇଥିଲେ। ଜଗଦଲପୁର, ବଡକୁଞ୍ଜାରୀ, କ୍ଷୀରାପାଲି, ନୂଆପଡା, ସରେଇକେଲା, ଧଉରାଭଟା, ଶିକାରିପାଲି ଗ୍ରାମର ବୃଦ୍ଧାବୃଦ୍ଧମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଇଥିଲା। ଛାତ୍ରୀଛାତ୍ରମାନଙ୍କ ମଧରେ ବିଭିନ୍ନ ପ୍ରତିଯୋଗିତା କରି ପୁରସ୍କୃତ କରାଯାଇଥିଲା। ଶେଷରେ ଆସିଷ୍ଟାଣ୍ଟ କମାଣ୍ଡାଣ୍ଟ ନୀନା ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

### କପା ଓଜନରେ ଠକାମି ଘଟଣା, ୨ଗିରଫ

ଖପ୍ରାଖୋଲ, ୧୯।୧(ଡି.ଏନ.ଏ.): ବଲାଙ୍ଗୀର ଜିଲା ଖପ୍ରାଖୋଲ ଥାନା କପସିପାଲି କୁଲୁତାପଡ଼ାରରେ ଦୁଇଜଣ ବ୍ୟକ୍ତି ଚାଷୀଙ୍କ କପାକୁ ଓଜନରେ ଚଞ୍ଚକତ କରି ଠକୁଥିବା ବେଳେ ଧରା ପଡିଥିଲେ। ଉକ୍ତ ଘଟଣାରେ ପୋଲିସ ଗୋବିନ୍ଦ ସାହୁ (୪୦) ଓ ଅକ୍ଷୟ ମେହେର (୪୫)ଙ୍କୁ ଅଟକ ରଖିବା ସହ ଏକ ମିନିଟ୍ରକ ଜବତ କରିଥିଲା। ତଦନ୍ତ ପରେ ଇଲେକ୍ଟ୍ରୋନିକ୍ସ ଓଜନ ମେଶିନରେ ସେନ୍ସର ଖଞ୍ଜି ଏକ ଡାଏରୀ ମଧରେ ତାହାର ରିମୋଟ ରଖିଥିବା ଜାଣିବାକୁ ମିଳିଥିଲା। ଏକ ମାମଲା (୧୯/୨୩)ରୁଜୁ କରି ଅଭିଯୁକ୍ତଦ୍ୱୟଙ୍କ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ରମାକାନ୍ତ ସାହୁ ପ୍ରକାଶ କରିଛନ୍ତି।

# ପାର୍ବତୀ ଗିରିଙ୍କ ସେବା, ତ୍ୟାଗ ଅନନ୍ୟ

ବରଗଡ଼ ଅଫିସ୍,୧୯।୧

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ବଡ଼ବ୍ରାହ୍ମଣୀ ପଞ୍ଚାୟତର କଟାପାଲି ସ୍ଥିତ ଲଳିତା ଦେବୀ ମହିଳା କଲେଜରେ ଗୁରୁବାର ଖଗେଶ୍ୱର ସାହିତ୍ୟ କଳା ପରିଷଦ ଆନୁକୂଲ୍ୟରେ ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ପାଳିତ ହୋଇଛି। ସଂସଦର ସଭାପତି ମୋହନ ସିଂହ କହ୍ନେଇଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଲେଜର ଜମିଦାତା ମାୟାଧର ପୋଢ଼ ମୁଖ୍ୟଅତିଥି ଏବଂ କଲେଜ ପରିଚାଳନା କମିଟି ସଭାପତି ସନତ ସିଂହ ଗଡ଼ତିଆ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଅତିଥିବୃନ୍ଦ ପାର୍ବତୀ ଗିରିଙ୍କ ଫଟୋଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ଜୟନ୍ତୀ ସଭାକୁ ଉଦ୍‌ଘାଟନ କରିଥିଲେ।

ଲେଖକ ତଥା ଅଧ୍ୟାପକ ସୁଶାନ୍ତ କୁମାର ମିଶ୍ର ମୁଖ୍ୟବକ୍ତା ଭାବେ ଯୋଗଦାନ କରି କହିଥିଲେ, ମା’ ମାଟି ପାଇଁ ସମଗ୍ର ଜୀବନକୁ ଉତ୍ସର୍ଗ କରିଥିବା ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ସେବା, ତ୍ୟାଗ ଏବଂ ସଂଗ୍ରାମ ବିରଳ ଓ ଅନନ୍ୟ ଅଟେ। କିନ୍ତୁ ତାଙ୍କୁ ଯଥାଯୋଗ୍ୟ ସମ୍ମାନ ଦିଆଯାଇ ପାରିନାହିଁ। ତେଣୁ ତାଙ୍କ ସ୍ମୃତିରକ୍ଷା ତଥା ପ୍ରଚାର ପାଇଁ ସମ୍ମିଳିତ ଉଦ୍ୟମ ଲୋଡ଼ା ବୋଲି ମିଶ୍ର କହିଥିଲେ। ଏହି ଅବସରରେ ନିମନ୍ତ୍ରିତ କବି ଭାବେ ଦେବେନ୍ଦ୍ର ସାହୁ, ହୀରାଲାଲ ସାହୁ, ରାମପ୍ରସାଦ ବାଗ, ସୁରେଶ ଭୋଇ, ତୁଳସୀରାମ ମେହେର, ଦିଲେଶ ମେହେର ପ୍ରମୁଖ ଯୋଗଦେଇ କବିତା ଆବୃତ୍ତି କରିଥିଲେ। କଲେଜର ଛାତ୍ରୀ ମହିମା ସାହୁ ଏବଂ ସାଥୀ ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିବାବେଳେ ଅଧ୍ୟକ୍ଷ ଯୋଗେଶ୍ୱର ସେଠ ସ୍ୱାଗତ ଭାଷଣ ଦେଇଥିଲେ। କବି ମକରଧ୍ୱଜ ସାହୁ ଅତିଥି ପରିଚୟ ପ୍ରଦାନ କରିଥିଲେ। ଉପସଭାପତି ଦିଲୀପ କୁମାର ଦେବତା ଉଦ୍ଦେଶ୍ୟ ଜ୍ଞାପନ କରିଥିବାବେଳେ ସମ୍ପାଦକ ରାଜେଶ୍ୱର ବେହେରା ସଭା ପରିଚାଳନା କରିଥିଲେ। ଅଧ୍ୟାପିକା ନୟନପ୍ରଭା ମେହେର, ନନ୍ଦିନୀ ପଟେଲ, ଅଧ୍ୟାପକ ମନୋଜ ମାଝୀ, ନରେନ ସାହୁ, ସୁରେନ୍ଦ୍ର ପୋଢ଼ ପ୍ରମୁଖ ସହଯୋଗ କରିଥିଲେ। ଅଧ୍ୟାପକ ହୃଷୀକେଶ ପୋଢ଼ ଧନ୍ୟବାଦ ଅର୍ପଣ କରିଥିଲେ।



ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହରେ ମଞ୍ଚାସୀନ ଅତିଥିବୃନ୍ଦ ।

## ପ୍ରତିମୂର୍ତ୍ତି ଏଠି ଅଲୋଡ଼ା

ବହ୍ନିକନ୍ୟା ପାର୍ବତୀ ଗିରିଙ୍କ ଜୟନ୍ତୀ ସମାରୋହ ଗୁରୁବାର ବରଗଡ଼ ଜିଲାର ବିଭିନ୍ନ ସ୍ଥାନରେ ପାଳିତ ହୋଇଛି। ମାତ୍ର ଏଭଳି ଏକ ଦିବସରେ ବରଗଡ଼ ସହର ମଧ୍ୟରେ ଥିବା ବହ୍ନିକନ୍ୟାଙ୍କ ପ୍ରତିମୂର୍ତ୍ତି ଅଲୋଡ଼ା ହୋଇପଡ଼ିଥିଲା। ପ୍ରତିମୂର୍ତ୍ତି ପରିସରରେ କେବଳ କୁଡ଼ କୁଡ଼ ମଇଳା, ଆବର୍ଜନା ପଡ଼ିଥିଲା। ସେହିପରି ମଧ୍ୟାହ୍ନ ସୁଦ୍ଧା ପ୍ରତିମୂର୍ତ୍ତିରେ ଫୁଲମାଳଟିଏ ସୁଦ୍ଧା ଦିଆଯାଇ ନ ଥିଲା। ଏହା ବରଗଡ଼ ସାମ୍ବାଦିକ ସଂଘର କର୍ମକର୍ତ୍ତା ଏବଂ ସଭ୍ୟଙ୍କ ଦୃଷ୍ଟିକୁ ଆସିବା ପରେ ସଂଘର ଉପସଭାପତି ବିରେନ୍ଦ୍ର ପ୍ରଧାନ, ବରିଷ୍ଠ ସଭ୍ୟ ଦୀପକ ଶର୍ମା, ଉମେଶ ବିଶ୍ୱାଳ, ଲଲାଟେନ୍ଦୁ ଦାଶ, ଅଞ୍ଜନ ପ୍ରଧାନ, ବଦ୍ରିପ୍ରସାଦ ସାହୁ, ସୁଦାମ ଭୋଇ ପ୍ରମୁଖ ସେଠାରେ ପହଞ୍ଚି ମଇଳା, ଆବର୍ଜନା ଉଠାଇବା ସହିତ ପ୍ରତିମୂର୍ତ୍ତିକୁ ଧୋଇଥିଲେ। ଏହାସହିତ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟାର୍ପଣ କରି ସେମାନେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏହାପରେ ଅନ୍ୟ କିଛି ଅନୁଷ୍ଠାନ ସେଠାରେ ପହଞ୍ଚି ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ।

## ପାର୍ବତୀ ଗିରିଙ୍କ ଜୟନ୍ତୀରେ ପୁସ୍ତକ ଉନ୍ମୋଚନ

ପାଇକମାଲ,୧୯।୧(ଡି.ଏନ.ଏ.)

ବରଗଡ ଜିଲା ପାଇକମାଲ କସ୍ତୁରବା ଗାନ୍ଧୀ ମାତୃନିକେତନ ପରିସରରେ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ୯୭ତମ ଜୟନ୍ତୀ ଉତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଭୋର୍‌ରୁ ଅନ୍ତେବାସୀମାନେ ପ୍ରଭାତ ଫେରି କରି ରାମଧୂନ ଗାଇବା ସହ ନୃସିଂହନାଥ ଯାଇ ତିଳତର୍ପଣ କରିଥିଲେ। ଏହି ଉପଲକ୍ଷେ ଅନୁଷ୍ଠିତ ସଭାରେ ଅନୁଷ୍ଠାନର ସଭାପତି ସ୍ୱର୍ଣ୍ଣପ୍ରଭା ପାଣିଗ୍ରାହୀ ଅଧ୍ୟକ୍ଷତା କରିଥିଲେ। ବରଗଡ ଡିଏଲ୍‌ଏସ୍‌ଏ ସମ୍ପାଦକ ବିଭୁ କଲ୍ୟାଣ ପାଢୀ ମୁଖ୍ୟ ଅତିଥି, ସିଡବ୍ଲ୍ୟୁସି ସଭ୍ୟ ନିରଞ୍ଜନ ବିଶ୍ୱାଳ, ରାଧା ଅଗ୍ରୱାଲ, ମମତା ମେହେର, ଜିଲା ଶିଶୁ ସୁରକ୍ଷାର ସୁରେନ୍ଦ୍ର ଦାଶ, ଅନୁଷ୍ଠାନର ସମ୍ପାଦିକା ମମତା ପୁରୋହିତ, ଭାରତୀ ଶତପଥୀ, କବି ଅନନ୍ତ ମେହେର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ୱାଧୀନତା ସଂଗ୍ରାମୀ ପାର୍ବତୀ ଗିରିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କବି ଅନନ୍ତ ମେହେରଙ୍କ ଦ୍ୱାରା ରଚିତ ‘ସେବାରଶିରି ପାର୍ବତୀ ଗିରି’ ପୁସ୍ତକକୁ ଅତିଥିମାନେ ଉନ୍ମୋଚନ କରିଥିଲେ। ସନ୍ଧ୍ୟାରେ ଅନୁଷ୍ଠିତ ଦ୍ୱିତୀୟ ପର୍ଯ୍ୟାୟ ଜୟନ୍ତୀ ସମାରୋହରେ ଲୋଇସିଂହା ବିଧାୟକ ମୁକେଶ ମହାଲିଙ୍ଗ ମୁଖ୍ୟ ଅତିଥି, ପଦ୍ମଶ୍ରୀ ହଳଧର ନାଗ, ପାଇକମାଲ ତହସିଲଦାର ଅକ୍ଷୟ କୁମାର ବାଗ, ଅଧ୍ୟାପକ ପ୍ରଦୀପ୍ତ କୁମାର ସାହୁ, ରଜନୀକାନ୍ତ ପରିଡା ସମ୍ମାନିତ ଅତିଥି, ଅଧ୍ୟାପକ ସୁଶାନ୍ତ ମିଶ୍ର ମୁଖ୍ୟ ବକ୍ତା ଭାବେ ଯୋଗଦେଇ ପାର୍ବତୀ ଗିରିଙ୍କ ସମାଜ ସେବା ଉପରେ ଆଲୋକପାତ କରିଥିଲେ। ଦୁଇ ଦିନ ଧରି ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅନୁଷ୍ଠିତ ପ୍ରତିଯୋଗିତାରେ କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ। ପଦ୍ମଶ୍ରୀ ହଳଧର ନାଗଙ୍କୁ ଚଳିତବର୍ଷ ପାର୍ବତୀଗିରି ସେବା ସମ୍ମାନ ପ୍ରଦାନ କରାଯାଇଥିଲା। ଅଧକ୍ଷ ନିର୍ମଳ ଗିରି ସଭା ପରିଚାଳନା ଓ ହରିବନ୍ଧୁ ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଅନୁଷ୍ଠାନର ଅନ୍ତେବାସୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।



ପାର୍ବତୀ ଗିରିଙ୍କ ଜୟନ୍ତୀ ସଭାରେ ମଞ୍ଚାସୀନ ଅତିଥିବୃନ୍ଦ।

## ହିର୍ଲିପାଲି ବିଦ୍ୟାଳୟର ବାର୍ଷିକୋତ୍ସବ

ଅତାବିରା,୧୯।୧(ଡିଏନଏ)

ବରଗଡ଼ ଜିଲା ଅତାବିରା ବ୍ଲକ ଅନ୍ତର୍ଗତ ହିର୍ଲିପାଲି ଉଚ୍ଚବିଦ୍ୟାଳୟର ବାର୍ଷିକୋତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ପ୍ରଧାନ ଶିକ୍ଷକ ଓକିଲ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ସରପଞ୍ଚ କବିତା ସାହୁ ମୁଖ୍ୟ ଅତିଥି, ସମିତିସଭ୍ୟ ବିଦ୍ୟାଧର ପ୍ରଧାନ, ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ବିଭୂତି ଭୂଷଣ ସାହୁ, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାକର ମେହେର, ସୁବାସ ପାଣିଗ୍ରାହୀ, ଲିଙ୍ଗରାଜ ସାହୁ ସମ୍ମାନିତ ଅତିଥି ଭାବେ ମଞ୍ଚାସୀନ ଥିଲେ। ଶିକ୍ଷକ ବଳରାମ ସାହୁ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ। ଗ୍ରାମର ତିନି ବିଦ୍ୟାଳୟର ୩୦୦ ଛାତ୍ରୀଛାତ୍ର ୬୦ଟି ବିଭାଗରେ ହୋଇଥିବା ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ପ୍ରତି ବିଭାଗରୁ ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ୧୮୦ ଜଣଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଦଶମ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରିଥିବା ୩ ଜଣଙ୍କୁ ଲକ୍ଷ୍ମୀ ମେଧା ସମ୍ମାନ ପ୍ରଦାନ କରାଯାଇଥିଲା। ୨୦୨୦ ଶିକ୍ଷା ବର୍ଷ ପାଇଁ ଅଙ୍କିତା ସାହୁ, ୨୦୨୧ ଶିକ୍ଷାବର୍ଷ ପାଇଁ ଅଲିଭ ପ୍ରଧାନ ଓ ୨୦୨୨ ଶିକ୍ଷାବର୍ଷ ପାଇଁ ଶାନ୍ତିଲତା ମେହେର ଏହି ସମ୍ମାନ ପାଇଥିଲେ। ସେହିପରି ଶାନ୍ତିଲତା ମେହେରଙ୍କୁ ଜନତା ମେଧା ସମ୍ମାନ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ଶିକ୍ଷକ ରବୀନ୍ଦ୍ର ପଣ୍ଡା, ନିରଞ୍ଜନ ଭୋଇ, ଦୀପକ ପ୍ରଧାନ, ଜି.ଏଲ.ଏନ. ଛୁରିଆ, ଅନନ୍ୟା ପ୍ରଧାନ, ବିରେନ୍ଦ୍ର ପାଣିଗ୍ରାହୀ, ରିତୁ ସାହୁ, ରେଣୁକା ପ୍ରଧାନଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ। କ୍ରୀଡା ଶିକ୍ଷକ ପ୍ରତାପ ଗଡତିଆ ଓ ଶୁଭ୍ରାଂଶୁ ସାହୁ ବାର୍ଷିକ କ୍ରୀଡ଼ା ପରିଚାଳନା କରିଥିଲେ। ଶିକ୍ଷକ କୌଶିକ ଦାଶ ଧନ୍ୟବାଦ ଦେଇଥିଲେ। ସନ୍ଧ୍ୟାରେ ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।



ଅତିଥିମାନଙ୍କ ଗହଣରେ କୃତୀ ଛାତ୍ରୀଛାତ୍ର।

## ସାଧାରଣତନ୍ତ୍ର ଦିବସ ପାଳନ ପ୍ରସ୍ତୁତି

ମୁରିବାହାଲ, ୧୯।୧(ଡି.ଏନ.ଏ.)

ବଲାଙ୍ଗୀର ଜିଲା ମୁରିବାହଲ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଗୁରୁବାର ବ୍ଲକ ସଭା ଗୃହରେ ଅନୁଷ୍ଠିତ ହୋଇଯାଇଛି। ବିଡିଓ ପୂର୍ଣ୍ଣାନନ୍ଦ ପୁଟେଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଜୁନିୟର କଲେଜ ଅଧକ୍ଷ ରମେଶ ଚନ୍ଦ୍ର ମହାନନ୍ଦ, ଆକାଉଣ୍ଟ ଅଧିକାରୀ ଘେନୁରାମ ତାଣ୍ଡି, ବିପିଏମ ଗୋପାଳ ଦୀପ, ଏମ୍‌ପିଙ୍କ ବ୍ଲକ ପ୍ରତିନିଧି ଶ୍ରୀବସ୍ତ ବେହେରା, ଆଦର୍ଶ ବିଦ୍ୟାଳୟ ଅଧକ୍ଷ ପିତାମ୍ବର ବେଶ୍ରା, ପରିଦର୍ଶିକା ବସନ୍ତି ଭୋଇ ଉପସ୍ଥିତ ରହି ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ସମାରୋହ ମୁରିବାହଲ ପଞ୍ଚାୟତ ହାଇସ୍କୁଲ ଖେଳ ପଡିଆରେ ପାଳନ ପାଇଁ ମତ ରଖିଥିଲେ। ପ୍ରଥମରୁ ମହାବିଦ୍ୟାଳୟ ପର୍ଯ୍ୟନ୍ତ ଚିତ୍ରାଙ୍ଗନ, ବକ୍ତୃତା, ପ୍ରବନ୍ଧ ରଚନା ଓ ସଙ୍ଗୀତ ଇଭେଣ୍ଟରେ ପ୍ରୀତିଯୋଗିତାମାନ କରିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ଲଖମରା କଲେଜର ବାର୍ଷିକୋତ୍ସବ

ପଦ୍ମପୁର,୧୯।୧(ଡି.ଏନ.ଏ.)

ପଦ୍ମପୁର ଉପଖଣ୍ଡ ଲଖମରା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ୨୯ତମ ବାର୍ଷିକୋତ୍ସବ ଗୁରୁବାର ପାଳିତ ହୋଇଯାଇଛି। ଅଧକ୍ଷ ବିଜୟ କୁମାର ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାରୋହରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଓ ସତଲମା ମହାବିଦ୍ୟାଳୟର ଓଡିଆ ଅଧ୍ୟାପକ ଲୋକବନ୍ଧୁ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ। ଅଧ୍ୟାପକ କେଶବ ପ୍ରଧାନ ଅତିଥି ପରିଚୟ ପ୍ରଦାନ ପ୍ରଦାନ କରିଥିଲେ। ଗତବର୍ଷ ସର୍ବାଧିକ ନମ୍ବର ରଖି ପାସ୍ କରିଥିବା ଛାତ୍ରୀ ମିନାକ୍ଷୀ ସାହୁଙ୍କୁ ବିଜୟ ରଞ୍ଜନ ସିଂ ବରିହା ମେମୋରିଆଲ ଟ୍ରଫି ପ୍ରଦାନ କରାଯାଇଥିଲା। ବିଭିନ୍ନ ପ୍ରତିଯୋଗୀତାର କୃତୀ ଛାତ୍ରୀଛାତ୍ରମାନଙ୍କୁ ମୁଖ୍ୟ ଅତିଥି ପ୍ରଶଂସାପତ୍ର ସହ ଟ୍ରଫି ପ୍ରଦାନ କରିଥିଲେ। ଶେଷରେ ଅଧ୍ୟାପକ ଶରତ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ।




ଲଖମରା କଲେଜର ବାର୍ଷିକୋତ୍ସବରେ ମଞ୍ଚାସୀନ ଅତିଥିବୃନ୍ଦ।

## ସୁବଲୟାରେ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ

ଅମରପାଲି,୧୯।୧(ଡି.ଏନ.ଏ)

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକର ସୁବଲୟାଠାରେ ଆୟୋଜିତ ପ୍ରଥମ ଜିଲାସ୍ତରୀୟ ୱାଇଏସଏ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏଥିରେ ସୁବଲୟା ସମେତ ବିନିକା, ବୀରମହାରାଜପୁର ଓ ସିଣ୍ଡୋଲ ଆଦି ଅଞ୍ଚଳର ମୋଟ ୧୮ଟି ଦଳ ଅଂଶଗ୍ରହଣ କରିଥିଲେ। ଏଥିରେ ବୀରମହାରାଜପୁର ଗ୍ୟାଲେକ୍ସି- ୧ ଦଳ ଚାମ୍ପିୟାନ ହୋଇଥିବା ବେଳେ ଗ୍ୟାଲେକ୍ସି -୨ ଦଳ ଉପବିଜେତା ହୋଇଥିଲେ। ଉଦ୍‌ଘାଟନୀ ଉତ୍ସବରେ ପୂର୍ବତନ ବ୍ଲକ ଅଧକ୍ଷ ରଞ୍ଜିତ ରଥ ମୁଖ୍ୟଅତିଥି, ପ୍ରଫୁଲ୍ଲ ଦନ୍ତା, ଅଧ୍ୟାପକ ଭୋଲାନାଥ କର୍ମୀ ,ଶିକ୍ଷାବିତ୍ ତ୍ରିପୁରାରୀ ରଥ ଏବଂ ସଂଘର ପୂର୍ବତନ ସଭାପତି ବିଜୟଲାଲ ଅଗ୍ରୱାଲ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ସେହିପରି ଉଦ୍‌ଯାପନୀ ଉତ୍ସବରେ ବୀରମହାରାଜପୁର ବନାଞ୍ଚଳ ଅଧିକାରୀ ଅବିନାଶ ବରିହା ମୁଖ୍ୟଅତିଥି ଓ ସୁବଳୟା ସରପଞ୍ଚ ପ୍ରମୋଦ ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବିଜେତା ଓ ଉପବିଜେତା ଦଳକୁ ଟ୍ରଫି ଓ ମାନପତ୍ର ଦେଇ ପୁରସ୍କୃତ କରାଯାଇଥିଲା ।



ସୁବଳୟାରେ ଅନୁଷ୍ଠିତ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ଅତିଥି ପୁରସ୍କୃତ କରୁଛନ୍ତି ।

## ମିଲେଟ ଶକ୍ତି ନ୍ୟୁଟ୍ରି ସେଣ୍ଟର ଉଦ୍‌ଘାଟିତ

ପଦ୍ମପୁର,୧୯।୧(ଡି.ଏନ.ଏ.)

ବରଗଡ଼ ଜିଲା ପଦ୍ମପୁର ଏନ୍‌ଏସିରେ ମା’ ଦୁର୍ଗା ସ୍ୱୟଂ ସହାୟକ ଗୋଷ୍ଠୀ ତରଫରୁ ନବ ନିର୍ମିଣ ମିଲେଟ ଶକ୍ତି ନ୍ୟୁଟ୍ରି ସେଣ୍ଟର ଗୁରୁବାର ଉଦ୍‌ଘାଟିତ ହୋଇଛି। ଏଥିରେ ବିଧାୟିକା ବର୍ଷା ସିଂ ବରିହା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ସେଣ୍ଟରକୁ ଉଦ୍‌ଘାଟନ କରିଥିଲେ। ଏନ୍‌ଏସି ଅଧ୍ୟକ୍ଷା ସାବିତ୍ରୀ ବାଗ, ଉପାଧ୍ୟକ୍ଷା ଭାରତୀ ପଟ୍ଟନାୟକ, ଭାରପ୍ରାପ୍ତ ଉପଜିଲାପାଳ ସଦାକର କୁମ୍ଭାର, ବିଡିଓ ବିଶ୍ୱନାଥ ସାହୁ, ତହସିଲଦାର ତାପସ ବିଶି, ଏନ୍‌ଏସି ନିର୍ବାହୀ ଅଧିକାରୀ ରାମଚନ୍ଦ୍ର ମାଝୀ, ସିଡିପିଓ ସୁନୀତି ଦେବତା, ନିରୋଜ ଦୋରା, ଆଡଭୋକେଟ ଅଜିତ ଶତପଥୀ ଓ ଶିବରାମ ବୈକାର ପ୍ରମୁଖ ଅନ୍ୟତମ ଅତିଥି ଭାବେ ଉପସ୍ଥିତ ଥିଲେ। ଓଡିଶା ମିଲେଟ ମିଶନ ଯୋଜନା ଅଧୀନ ଏହି ସେଣ୍ଟରରେ ପ୍ରତ୍ୟହ ମାଣ୍ଡିଆ ପ୍ରସ୍ତୁତ ଖାଦ୍ୟ ଉପଲବ୍ଧ ହେବ ବୋଲି ସୂଚନା ଦିଆଯାଇଛି।

## ନୃତ୍ୟଗୀତରେ ମହିଳା କଲେଜ ଛାତ୍ରୀ ପ୍ରଥମ

ଜିଲାସ୍ତରୀୟ ଯୁବ ରେଡ୍‌କ୍ରସ୍

ବରପାଲି,୧୯।୧(ଡି.ଏନ.ଏ.)

ଝାରବନ୍ଧ ଉଚ୍ଚମାଧ୍ୟମିକ ମହାବିଦ୍ୟାଳୟରେ ଜିଲାସ୍ତରୀୟ ଯୁବ ରେଡକ୍ରସ୍ ତରଫରୁ ସ୍ୱେଚ୍ଛାସେବୀଙ୍କ ପ୍ରଶିକ୍ଷଣ ଶିବିର ଜାନୁଆରୀ ୧୬ରୁ ୧୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହୋଇଥିଲା। ଯୁବ ରେଡକ୍ରସ କାଉନସିଲର ଯତୀନ୍ଦ୍ର କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ୩ଜଣ ଛାତ୍ରୀ ଉକ୍ତ ଶିବିରରେ ଯୋଗଦାନ କରିଥିଲେ। ସଙ୍ଗୀତ ପ୍ରତିଯୋଗିତାରେ ଇତିଶ୍ରୀ ସାହୁ ଓ ନୃତ୍ୟରେ ପ୍ରିୟଙ୍କା ପଧାନ ପ୍ରଥମ ସ୍ଥାନ ଅଧିକାର କରିଥିଲେ। ଏହି ଅବସରରେ ବରପାଲି ସ୍ଥିତ ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟର ଅଧକ୍ଷା ପଦ୍ମିନୀ ଦାଶଙ୍କ ସଭାପତିତ୍ୱରେ ଗୁରୁବାର ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ପ୍ରତିଷ୍ଠାତା ଅନ୍ତର୍ଯାମୀ ପଣ୍ଡାଙ୍କ ସମେତ ସମସ୍ତ ଅଧ୍ୟାପିକା ଅଧ୍ୟାପକ କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦେଇଥିଲେ। କାଉନସେଲର ନୀଳିମା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।



କୃତୀ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା ଦିଆଯାଉଛି।

## ଅତାବିରା ଏକାଦଶକୁ ହରାଇ ବରଗଡ଼ ଚାମ୍ପିୟନ

ଜିଲାସ୍ତରୀୟ ସ୍କୁଲ କ୍ରିକେଟ ପ୍ରତିଯୋଗିତା

ବରଗଡ଼ ଅଫିସ,୧୯।୧

ବରଗଡ଼ ଜିଲା ଭଟଲି ବ୍ଲକ ଅନ୍ତର୍ଗତ ନୂଆଗଡ ଲକ୍ଷ୍ମୀ ନାରାୟଣ ଉଚ୍ଚବିଦ୍ୟାଳୟ ଖେଳ ପଡ଼ିଆରେ ଚାଲିଥିବା ନବମ ଜିଲାସ୍ତରୀୟ ବିଦ୍ୟାଳୟ କ୍ରିକେଟ ପ୍ରତିଯୋଗିତା ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଉଦ୍‌ଯାପନୀ ଦିବସରେ ଅତାବିରା ଏକାଦଶ ଏବଂ ବରଗଡ଼ ଏକାଦଶ ମଧ୍ୟରେ ଫାଇନାଲ ଖେଳ ଅନୁଷ୍ଠିତ ହୋଇଥିଲା। ବରଗଡ଼ ଦଳ ଟସ୍ ଜିଣି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇ ନିର୍ଦ୍ଧାରିତ ୨୦ ଓଭରରେ ୭ ଉଇକେଟ ବିନିମୟରେ ୧୬୩ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ଅଧିନାୟକ ଅମରେନ୍ଦ୍ର ସିଂ ୫୫ ବଲ୍‌ରୁ ୭୧ ରନ ସଂଗ୍ରହ କରିଥିଲେ। ଜବାବରେ ପ୍ରତିପକ୍ଷ ଅତାବିରା ଏକାଦଶ ୧୩.୫ ଓଭରରେ ସମସ୍ତ ଉଇକେଟ ହରାଇ ମାତ୍ର ୭୦ ରନ କରିଥିଲା। ସୁଦୀପ୍ତ କୁମାର ସାହୁ ଏବଂ ଗିରିଜା ପ୍ରସାଦ ନାଥଙ୍କ ସଂଯୋଜନାରେ ଅମୂଲ୍ୟ ସେଠୀ ଏବଂ ସୁନିଲ ନାୟକ ଖେଳ ପରିଚାଳନା କରିଥିଲେ। ଟିକେଶ୍ୱର ଭୋଇ ଏବଂ ରଜତ କୁମାର ମିଶ୍ର ସ୍କୋରର ଥିଲେ। ଏହି ଅବସରରେ ପ୍ରଥମ ସେମି ଫାଇନାଲରେ ଅତାବିରା ଓ ବିଜେପୁର ଏକାଦଶ ମୁହାମୁହିଁ ହୋଇଥିବା ବେଳେ ଅତାବିରା ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ସେହିପରି ବରଗଡ଼ ଓ ପଦ୍ମପୁର ଏକାଦଶ ମଧ୍ୟରେ ଅନୁଷ୍ଠିତ ଦ୍ୱିତୀୟ ସେମି ଫାଇନାଲରେ ବରଗଡ଼ ଏକାଦଶ ବିଜୟୀ ହୋଇ ଫାଇନାଲକୁ ଉନ୍ନୀତ ହୋଇଥିଲା। ପରେ ଜିଲା ଶିକ୍ଷାଧିକାରୀ ମିତ୍ରଭାନୁ କଚ୍ଛପଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଅତିରିକ୍ତ ଜିଲା ଶିକ୍ଷାଧିକାରୀ ଛତ୍ରପତି ସାହୁ, ବିଡ଼ିଓ ଧୀରେନ୍ଦ୍ର ସେଠୀ, ସରପଞ୍ଚ ଦୁର୍ବାସା ପଧାନ, ସମିତିସଭ୍ୟ ଡିଲେଶ୍ୱର ଭୁଏ, ବିଇଓ ସରୋଜ ଭୁଏ, ସାମାଜିକ କର୍ମୀ ସତ୍ୟ ନାରାୟଣ ପଧାନ, ସରପଞ୍ଚ ଗୋବିନ୍ଦ ପଧାନ ପ୍ରମୁଖ ଅତିଥି ଭାବେ ଯୋଗଦେଇ କ୍ରୀଡା ହିଁ ଶିଶୁର ସର୍ବାଙ୍ଗୀନ ବିକାଶ ସାଧନ କ୍ଷେତ୍ରରେ ସହାୟକ ହୋଇପାରିବ। ତେଣୁ ପାଠ ସହିତ କ୍ରୀଡ଼ାକୁ ଆଦରି ନେବା ପାଇଁ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ। ପରେ ଅତିଥିମାନେ ଚାମ୍ପିୟନ ଓ ଉପ ବିଜେତା ଦଳ ସମେତ କ୍ରିକେଟ, ଚେସ୍ ଓ ଯୋଗ ଦଳର କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରିଥିଲେ। ମୁନସୀ ପାତ୍ର ମଞ୍ଚ ପରିଚାଳନା କରିଥିଲେ। ଜିଲାର ସମସ୍ତ କ୍ରୀଡ଼ା ଶିକ୍ଷୟିତ୍ରୀ ଶିକ୍ଷକ ସହଯୋଗ କରିଥିଲେ। ବରଗଡ଼ ଏକାଦଶର ଅଜୟ ଉପ୍ରିତ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଏବଂ ଅମରେନ୍ଦ୍ର ସିଂ ମ୍ୟାନ୍ ଅଫ୍ ଦି ସିରିଜ୍ ବିବେଚିତ ହୋଇଥିଲେ।




ଅତିଥିମାନେ ଚାମ୍ପିୟନ ଦଳକୁ ଟ୍ରଫି ପ୍ରଦାନ କରୁଛନ୍ତି ।

## ସଂକ୍ଷେପରେ

### ଦୁର୍ଘଟଣା: ଜଣେ ମୃତ, ୧ ଗୁରୁତର

**ରେଢାଖୋଲ,୧୯।୧(ଡି.ଏନ.ଏ.):** ୫୫ନଂ ଜାତୀୟ ରାଜପଥର ଚାରମାଳ ଥାନା ଅଧୀନ ହିଣ୍ଡୋଳ ଘାଟିଠାରେ ଗୁରୁବାର ରାତି ପ୍ରାୟ ୮ଟା ବେଳେ ଏକ ଅଜଣା ଗାଡି ଧକ୍କାରେ ବାଇକ୍‌ରେ ଥିବା ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକଙ୍କ ପରିଚୟ ମିଳି ନ ଥିବାବେଳେ ଗୁରୁତର ଯୁବକ ଜଣକ ଯୁଯୁମୁରା ଥାନା ଭବାନିପାଲିର ଆଶିଷ ମିର୍ଦ୍ଧା (୩୧) ବୋଲି ଜଣାପଡିଛି। ପୋଲିସ ସୂତ୍ରରୁ ପ୍ରକାଶ ଯେ, ବାଇକ୍ ନଂ.ଓଡି୨୭-୯୮୪୯ ଯୋଗେ ଉଭୟେ ରେଢାଖୋଲରୁ ସମ୍ବଲପୁର ଯାଉଥିବା ବେଳେ ସାମ୍ନାରୁ ଆସୁଥିବା ଗାଡି ଧକ୍କା ଦେଇ ଫେରାର ହୋଇଯାଇଥିଲା। ପୋଲିସ ପହଞ୍ଚି ଗୁରୁତର ଆହତ ଆଶିଷଙ୍କୁ ରେଢାଖୋଲ ଡାକ୍ତରଖାନା ନେଇଥିଲା। ସେଠାରୁ ତାଙ୍କୁ ବୁର୍ଲା ଡାକ୍ତରଖାନା ପଠାଯାଇଛି। ମୃତଦେହ ଜବତ କରାଯାଇଥିବା ବେଳେ ଶୁକ୍ରବାର ସକାଳେ ବ୍ୟବଚ୍ଛେଦ କରାଯିବ। ଦୁର୍ଘଟଣା ଯୋଗୁ ୫୫ନଂ ଜାତୀୟ ରାଜପଥରେ କିଛିସମୟ ପାଇଁ ଜାମ ହୋଇଥିବା ବେଳେ ପୋଲିସ ପହଞ୍ଚି ସ୍ୱାଭାବିକ କରିଥିଲା।

### ବଳମରେ ବିଜେଡି କର୍ମୀ ସମ୍ମିଳନୀ

**ନାକଟିଦେଉଳ,୧୯।୧(ଡି.ଏନ.ଏ.):** ନାକଟିଦେଉଳ ବ୍ଲକ ବଳମ ଗ୍ରାମରେ ବୁଧବାର ବ୍ଲକ ବିଜେଡ଼ିର କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ବିଜେଡ଼ି ଜିଲ୍ଲା ଉପସଭାପତି ଅନାଦି ଚରଣ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ମିଳନୀରେ ରେଢାଖୋଲ ବିଧାୟକ ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ଇଂ. ରୋହିତ ପୂଜାରୀ ମୁଖ୍ୟଅତିଥି ଭାବେ ଯୋଗଦେଇ ସଂଗଠନକୁ ତୃଣମୂଳ ସ୍ତରରୁ ସୁଦୃଢ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟପକ୍ଷରେ କେନ୍ଦ୍ର ସରକାରଙ୍କ ରାଜ୍ୟ ପ୍ରତି ବୈମାତୃକ ମନୋଭାବକୁ ସେ ତୀବ୍ର ସମାଲୋଚନା କରିଥିଲେ। ଆଗାମୀ ନିର୍ବାଚନରେ ଦଳ କିପରି ଭଲ ପ୍ରଦର୍ଶନ କରିବ ସେ ସମ୍ପର୍କରେ ଦଳୀୟ କର୍ମୀଙ୍କୁ ଗୁରୁମନ୍ତ୍ର ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ବିଜେଡ଼ି ସଭାପତି ମୁଳିଆ ରାଉଳ, ପଞ୍ଚାୟତ ସମିତି ଉପାଧ୍ୟକ୍ଷ ଜିତେନ୍ଦ୍ରିୟ ପ୍ରଧାନ, ବ୍ଲକ ଯୁବ ବିଜେଡ଼ି ସଭାପତି ଧିରେନ ସାହୁ, ବଳମ ସରପଞ୍ଚ ଅନୁପମା ଗଡ଼ନାୟକ, ସରାପାଲି ସରପଞ୍ଚ ଶିବାନୀ ବାରିକ ଉପସ୍ଥିତ ଥିଲେ।

### ଭେଣ୍ଡିଂ ଜୋନ ଉଦ୍‌ଘାଟନକୁ ବିରୋଧ କରିବ ବେପାରୀ ସଂଘ

**ବ୍ରଜରାଜନଗର,୧୯।୧(ଡି.ଏନ.ଏ.):** ବ୍ରଜରାଜନଗର ପୌରାଞ୍ଚଳର ଗାନ୍ଧୀ ଛକ, ଇଏସଇ ଛକ, ବିଜୁ ପଟ୍ଟନାୟକ ଛକରେ କେନ୍ଦ୍ର ସରକାରଙ୍କ ସ୍ୱଚ୍ଛ ଭାରତ ଅଭିଯାନ ପାଣ୍ଠିରୁ ଟଙ୍କା ଆସି ଶୌଚାଳୟ ତିଆରି ହୋଇଥିଲା। ଦୀର୍ଘ ଚାରିବର୍ଷ ହେଲା ପାଇଖାନା ତିଆରି ହୋଇଥିଲେ ମଧ୍ୟ ତାହା ଲୋକଙ୍କ କାର୍ଯ୍ୟରେ ଲାଗିଲା ନାହିଁ। ଅନ୍ୟପକ୍ଷେ ରାଜ୍ୟ ସରକାରଙ୍କ ପାଣ୍ଠିରୁ ତିଆରି ହୋଇଥିବା ଭେଣ୍ଡିଂ ଜୋନକୁ ଉଦ୍‌ଘାଟନ କରିବାକୁ ପୌରପ୍ରଶାସନ ସଜବାଜ ହେଉଛି। ଗାନ୍ଧୀ ଛକ ବ୍ୟବସାୟୀମାନେ ଏହାକୁ ବିରୋଧ କରିବା ସହ ସ୍ଥାନୀୟ ପ୍ରଶାସନ, ବିଧାୟିକା, ବରଗଡ଼ ଏମ୍‌ପିଙ୍କ ସମେତ ଜିଲାପାଳ ଓ ଏସ୍‌ପିଙ୍କୁ ଲିଖିତ ଅଭିଯୋଗ କରିଛନ୍ତି। ଏଥିରେ ଦର୍ଶାଯାଇଛି ପୌର ପ୍ରଶାସନ ପ୍ରଥମେ ପୂର୍ବରୁ ତିଆରି ହୋଇଥିବା ଶୌଚାଳୟ ଓ ପରେ ଭେଣ୍ଡିଂ ଜୋନ ଉଦ୍‌ଘାଟନ କରୁ। ଏହା ନ ହେଲେ କଳାବ୍ୟାଜ୍ ପରିଧାନ କରି ଧାରଣା ଦେବେ। ଏ ସମ୍ପର୍କରେ ନଗରପାଳ ଯାଜ୍ଞସେନୀ ଓରାମ, ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପଚାରିବାରେ ସମସ୍ୟାକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ ବୋଲି କହିଛନ୍ତି।

### ମଶାଲ ଶୋଭାଯାତ୍ରା ପାଇଁ ପ୍ରସ୍ତୁତି ବୈଠକ

**ସମ୍ବଲପୁର, ୧୯।୧ (ବ୍ୟୁରୋ):** ଆସନ୍ତା ୨୩ରେ ସ୍ୱାଧୀନତା ସଂଗ୍ରାମୀ ବୀର ସୁରେନ୍ଦ୍ର ସାଏ ଓ ସଂଗ୍ରାମୀ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଜୟନ୍ତୀ ଅବସରରେ ସମ୍ବଲପୁର ସହରରେ ମଶାଲ ଶୋଭାଯାତ୍ରା କରିବାକୁ ପ୍ରୋଗ୍ରେସିଭ ସମ୍ବଲପୁର ପକ୍ଷରୁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଛି। ଶୋଭାଯାତ୍ରା ଲକ୍ଷ୍ମୀ ଟକିଜ୍ ଛକରୁ ବାହାରି ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ନିକଟରେ ପହଞ୍ଚିବ। ଅନୁଷ୍ଠାନର ଆବାହକ ସଞ୍ଜିତ ମହାନ୍ତି ସଭାପତିତ୍ୱ କରି ଦୁଇ ସଂଗ୍ରାମୀଙ୍କ ତ୍ୟାଗ, ବଳିଦାନୁ ନୂଆପିଢ଼ି ପାଖରେ ପହଞ୍ଚାଇବାର ଏହା ଏକ ପ୍ରୟାସ। ପାଞ୍ଚବର୍ଷ ଧରି ଏହି ମଶାଲ ଶୋଭାଯାତ୍ରା ବୁର୍ଲା ସହରରେ ହେଉଥିଲା। ଚଳିତବର୍ଷ ଜିଲାର ଯୁବକ, ଛାତ୍ର, ମହିଳାମାନଙ୍କୁ ଏକାଠି କରିବାକୁ ଯୋଜନା କରାଯାଇଥିବା କହିଥିଲେ।

# ଜୀବନବ୍ୟାପୀ ସେବାବ୍ରତୀ ଥିଲେ ପାର୍ବତୀ

**୯୭ତମ ପାର୍ବତୀ ଗିରି ଜୟନ୍ତୀ**

**ଶୁକମଣୀ ସାମତଙ୍କୁ ପାର୍ବତୀ ଗିରି ସ୍ମୃତି ସମ୍ମାନ**

ସମ୍ବଲପୁର,୧୯।୧(ବ୍ୟୁରୋ)


ପାର୍ବତୀ ଗିରି କଲେଜରେ ଜୟନ୍ତୀ ସମାରୋହରେ ଅତିଥିମାନେ।

ବହ୍ନି କନ୍ୟା ପାର୍ବତୀ ଗିରି ଅନନ୍ୟ। ମାତ୍ର ୧୩ବର୍ଷ ବୟସରୁ ସେ ଆନ୍ଦୋଳନରେ ସାମିଲ ହୋଇଥିଲେ। ଜୀବନବ୍ୟାପୀ ପରୋପକାର ଓ ସେବାରେ ବ୍ରତୀ ଥିଲେ। ଜାତିର ପିତା ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହେବା ସହ ବିନୋବା ଭାବେ ଭଳି ସଂଗ୍ରାମୀଙ୍କ ସହ ଆନ୍ଦୋଳନରେ ସାମିଲ ହୋଇଥିଲେ। ସ୍ୱାଧୀନତା ପରବର୍ତ୍ତି ସମୟରେ ମଧ୍ୟ ସଂଗ୍ରାମ ଜାରି ରଖିଥିଲେ। ଭୂମିହୀନଙ୍କୁ ଜମି ଦେବା, ମହିଳାମାନଙ୍କ ଅଧିକାର ଓ ଛୋଟ ପିଲାଠାରୁ ଆରମ୍ଭ କରି ଯୁବ ବର୍ଗଙ୍କୁ କିଭଳି ଶିକ୍ଷା, ସ୍ୱାସ୍ଥ୍ୟ ମିଳିବ ସେ ନେଇ କାର୍ଯ୍ୟ କରିଥିଲେ। ପାବତିଗିରି କଲେଜ ପରିସରରେ ଗୁରୁବାର ପାର୍ବତି ଗିରିଙ୍କ ୯୭ତମ ଜୟନ୍ତୀ ଅବସରରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସିଡବ୍ଲ୍ୟୁସି ସଦସ୍ୟ ଶିବ ଶଙ୍କର ନନ୍ଦ ଏହା କହିଥିଲେ।

ପୂର୍ବତନ କଲେଜ ସଭାପତି ଜଗନ୍ନାଥ ଦିକ୍ଷିତଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ଯୁଯୁମୁରା ବ୍ଲକ ସଭାପତି ମମତା ନାଏକ ମୁଖ୍ୟଅତିଥି ଓ ସିଡବ୍ଲ୍ୟୁସି ଅଧ୍ୟକ୍ଷ ପ୍ରଶାନ୍ତ ପାଢୀ, ସରିତା ମହାପାତ୍ର, ବିରସିଂଗଡ ସରପଞ୍ଚ ରିଙ୍କି ଭଏଁସାଲ, ସମିତି ସଭ୍ୟ ରଘୁବିର ଭୋଇ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପାର୍ବତୀଗିରି ଯୁକ୍ତ ୨ କଲେଜ ଅଧ୍ୟକ୍ଷ ଗୋବିନ୍ଦ ମହାରଣା ଅତିଥି ପରିଚୟ ପ୍ରଦାନ କରିଥିଲେ। ମାନଧାତାବାବା କଲେଜ ଅଧ୍ୟାପକ ତୁଷାର ରଞ୍ଜନ ବାରିକ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ସ୍ମୃତି କମିଟି ସଭାପତି କୁଳଧର ପ୍ରଧାନ ବାର୍ଷିକ ବିବରଣୀ ପାଠ ଓ ଶିକ୍ଷକ ଚିନ୍ତାମଣି ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଡାକ୍ତର ଆଇଜାକ ସାନ୍ତ୍ରା ବାଳନିକେତନ ଅନ୍ତେବାସୀଙ୍କ ସମେତ କେଜିଏମ୍ଏନ୍ ହାଇସ୍କୁଲ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ଛାତ୍ରୀଛାତ୍ର ଉପସ୍ଥିତ ଥିଲେ। ପାର୍ବତୀ ବିହାରରେ ଥିବା ପାର୍ବତିଗିରିଙ୍କ ଚିତାଭସ୍ମରେ ପୂଜା କରାଯିବା ସହ ବାଳନିକେତନ ପରିସରରେ ଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଦିଆଯାଇଥିଲା। କଲେଜ ଛାତ୍ରୀ ତଥା ତିରନ୍ଦାଜ ରାଜ୍ୟସ୍ତରୀୟ ଖେଳାଳି ସୁକମଣୀ ସାମତଙ୍କୁ ଚଳିତବର୍ଷର ପାର୍ବତୀ ଗିରି ସ୍ମୃତି ସମ୍ମାନ ପ୍ରଦାନ କରାଯାଇଥିଲା।

# ଅମିତ ମେଡିକାଲ୍ ଏଜେନ୍ସି ମାଲିକଙ୍କ ନାମରେ ମାମଲା

ଝାରସୁଗୁଡ଼ା ଅଫିସ,୧୯।୧

**ଗିରଫ ଭୟରେ ମାଲିକ ଫେରାର୍**

ନକଲି ଔଷଧକୁ ନେଇ ଡ୍ରଗ୍ସ ଇନ୍‌ସ୍ପେକ୍ଟର ସସ୍ମିତା ଦେହୁରି ଝାରସୁଗୁଡା ସହରର ଅମିତ ମେଡିକାଲ ଏଜେନ୍ସି ମାଲିକ ଅମିତ କୁମାର ସରଓ୍ୱାଗୀଙ୍କ ନାମରେ ଟାଉନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୋଲିସ୍ ଏକସଙ୍ଗେ ୧୬ଗୋଟି ଦଫାରେ ମାମଲା (ନଂ୫୨/୨୩) ରୁଜୁ କରିଛି। ଏହାପରେ ମାଲିକ ଅମିତ କେଉଁଆଡେ ଫେରାର୍ ହୋଇଯାଇଛନ୍ତି ବୋଲି ଆଇଆଇସି ସାବିତ୍ରୀ ବଳ କହିଛନ୍ତି। ଏ ନେଇ ଏସ୍‌ଡିପିଓ ନିର୍ମଳ ମହାପାତ୍ର କହିଛନ୍ତି, ଡ୍ରଗ୍ସ କଣ୍ଟ୍ରୋଲ ବିଭାଗ ତରଫରୁ ଗତ ଅକ୍ଟୋବରରେ ଅମିତ ମେଡିକାଲ୍ ଏଜେନ୍ସିରେ ନକଲି ମେଡିସିନ୍ ରହିଥିବା ସନ୍ଦେହ କରି ଚଢାଉ କରାଯାଇ କେତେକ ମେଡିସିନ୍ ଜବତ କରାଯାଇଥିଲା। ଏହାର ନମୁନା ଡ୍ରଗ୍ସ ଫୋରେନ୍‌ସିକ୍ ଲାବରେଟୋରିକୁ ପରୀକ୍ଷାପାଇଁ ପଠାଯାଇଥିଲା। ପରୀକ୍ଷା ପରେ ଏହା ନକଲି ବୋଲି ଜଣାପଡିଥିଲା। ଏ ନେଇ ସ୍ଥାନୀୟ ଡ୍ରଗ୍ସ ଇନ୍ସପେକ୍ଟର ତରଫରୁ ପୋଲିସ୍‌ରେ ଅଭିଯୋଗ ହୋଇଛି। ତଦନ୍ତ ପରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ଡିପିଓ ମହାପାତ୍ର କହିଛନ୍ତି।

# ମହିଳା ସଂଗଠନ ପକ୍ଷରୁ ସାନିଟାରି ନାପ୍‌କିନ ବଣ୍ଟନ

ସମ୍ବଲପୁର,୧୯।୧(ବ୍ୟୁରୋ)

ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ସମ୍ବଲପୁର ଶାଖା ପକ୍ଷରୁ ବିଏସ୍ଏନ୍ଏଲ୍ କଲୋନୀ ନିକଟ ବସ୍ତି ଅଞ୍ଚଳରେ ସାନିଟାରି ନାପ୍‌କିନ ବଣ୍ଟନ କରାଯାଇଛି। ସଂଗଠନର ଅଧ୍ୟକ୍ଷା ଅଞ୍ଜନି ସିଂଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ହୋଇଥିଲା। ମହିଳା ଓ ବାଳିକାମାନଙ୍କୁ ନାପ୍‌କିନ ବଣ୍ଟନ କରି ଋତୁସ୍ରାବ ସମୟରେ ସ୍ୱଚ୍ଛତା ଓ ଉତ୍ତମ ସ୍ୱାସ୍ଥ୍ୟ ପ୍ରତି ଯତ୍ନନେବାକୁ ସଚେତନ କରାଇଥିଲେ। ଉପାଧ୍ୟକ୍ଷା ରୁଚିକା ସିଂ ଓ ସଂଗଠନର ସଭ୍ୟାମାନେ ଉପସ୍ଥିତ ଥିଲେ ।

# ରେଙ୍ଗାଲିରେ କଂଗ୍ରେସର ଭାରତ ଯୋଡ଼ୋ ଯାତ୍ରା

ରେଙ୍ଗାଲି,୧୯।୧(ଡି.ଏନ.ଏ.)


ଭାରତ ଯୋଡୋ ଯାତ୍ରାରେ ଦଳୀୟ ନେତୃବୃନ୍ଦ।

ସମ୍ବଲପୁର ଜିଲା ରେଙ୍ଗାଲିରେ କଂଗ୍ରେସର ଭାରତ ଜୋଡୋ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସ୍ଥାନୀୟ ରାମଚନ୍ଦ୍ର ନଗରଠାରୁ ଯାତ୍ରା ଆରମ୍ଭ ହୋଇ ରେଙ୍ଗାଲି ତହସିଲ ଛକ ପର୍ଯ୍ୟନ୍ତ ଯାଇଥିଲା। ପ୍ରଦେଶ କଂଗ୍ରେସ କମିଟି ସଭାପତି ଶରତ ପଟ୍ଟନାୟକଙ୍କ ନେତୃତ୍ୱରେ ଯାତ୍ରା ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ସମ୍ବଲପୁର ଜିଲା କଂଗ୍ରେସ ସଭାପତି ଅଶ୍ୱିନୀ ଗୁରୁ, ଜିଲା ସାଧାରଣ ସମ୍ପାଦକ ସୁବାସ ବିଶ୍ୱାଳ, ରେଙ୍ଗାଲି ବ୍ଲକ ସଭାପତି ଚତୁର୍ଭୁଜ ଝାଙ୍କର, ପୂର୍ବତନ ବିଧାୟକ ଦୁର୍ଯୋଧନ ଗରଡ଼ିଆ, କୁଚିଣ୍ଡା ପୂର୍ବତନ ବିଧାୟକ ରାଜେନ୍ଦ୍ର ଛତ୍ରିଆ, ସରୋଜ ପୂଜାରୀ, ଦୁଲାଲ ପଧାନ, ଧନକଉଡା ବ୍ଲକ ସଭାପତି ଇନ୍ଦ୍ରମଣି ବାରିକ, ରେଙ୍ଗାଲି ବ୍ଲକ ଉପାଧ୍ୟକ୍ଷ ଶ୍ୱାତି ବେହେରା, ଅନୀଲ ବେହେରାଙ୍କ ସମେତ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

# ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ସାମ୍ବାଦିକ ସମ୍ମିଳନୀ

ସମ୍ବଲପୁର,୧୯।୧(ବ୍ୟୁରୋ)

ସମ୍ବଲପୁର ସାମ୍ବାଦିକ ଭବନଠାରେ ପଶ୍ଚିମ ଓଡିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ସମଲେଇ ଯୋଜନାରେ ଘୁନଘୁଟି ପଡାବାସୀଙ୍କ ବିସ୍ଥାପନ ଓ ଥଇଥାନ ପ୍ରସଙ୍ଗରେ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ପରିଷଦର ଅଧ୍ୟକ୍ଷ ନିହାଲ ସିଂ ଉଦବୋଧନ ଦେଇ କହିଥିଲେ, ବାସିନ୍ଦାଙ୍କ ବିଭିନ୍ନ ଦାବି ନେଇ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ ହୋଇଥିଲା। ରାଜ୍ୟ ସଭା ସଦସ୍ୟ ନିରଞ୍ଜନ ବିଶି ମଧ୍ୟ ଘଟଣାରେ ହସ୍ତକ୍ଷେପ କରି ଘୁନଘୁଟିପଡା ବାସିନ୍ଦାଙ୍କ ବିଭିନ୍ନ ସମସ୍ୟା ସମାଧାନ ପାଇଁ ପ୍ରଶାସନ ସହ ଆଲୋଚନା କରିଥିଲେ। ଜାନୁୟାରୀ ୨୩ରେ ପ୍ରଶାସନିକ ଅଧିକାରୀଙ୍କ ସହ ଆଲୋଚନା କରିବାକୁ ସ୍ଥିର ହୋଇଛି। ସଂଗଠନର ଉପଦେଷ୍ଟା ପଦ୍ମଶ୍ରୀ ଜିତେନ୍ଦ୍ର ହରିପାଲ, ଜିଲା ଆବାହକ ଆଶିଷ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ।

# ସମ୍ମିଳିତ ଆଦିବାସୀ ସମାଜର ସମୀକ୍ଷା

ଝାରସୁଗୁଡ଼ା ଅଫିସ,୧୯।୧

**ପେଶା ଆଇନ କାର୍ଯ୍ୟକ୍ଷମ, ଅନୁସୂଚିତ ଜନଜାତି କମିଶନ ଗଠନ ହେଉ**

ସମ୍ମିଳିତ ଆଦିବାସୀ ସମାଜର ଏକ ସମୀକ୍ଷା ବୈଠକ କାପୁମାଲ ଗୋଁଣ୍ଡ ଭବନଠାରେ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟରେ ବସବାସ କରୁଥିବା ଆଦିବାସୀମାନଙ୍କ ସୁରକ୍ଷା କବଚ ପେଶା ଆଇନ କାର୍ଯ୍ୟକ୍ଷମ ହୋଇ ନ ଥିବାବେଳେ ଅନୁସୂଚିତ ଜନଜାତି କମିଶନ ଗଠନହୋଇ ନ ଥିବାରୁ କ୍ଷୋଭ ପ୍ରକାଶ ପାଇଥିଲା। ଓଡ଼ିଶାର ଜନସଂଖ୍ୟା ଅନୁପାତରେ ୨୩ ପ୍ରତିଶତ ଆଦିବାସୀ ଆର୍ଥିକ, ଶିକ୍ଷାଗତ କ୍ଷେତ୍ରରେ ଅନୁନ୍ନତ ଅବସ୍ଥାରେ ଅଛନ୍ତି। ସେମାନଙ୍କ ସର୍ବାଙ୍ଗୀନ ଉନ୍ନତି ପାଇଁ ଦେଶରେ ପେଶା ଆଇନ ୧୯୯୬ ମସିହାରୁ ଲାଗୁ ହୋଇଛି। ଦୀଘ ୨୭ବର୍ଷ ବିତିଯାଇଥିଲେ ମଧ୍ୟ ରାଜ୍ୟରେ ଲାଗୁ ନ ହେବା ଆଦିବାସୀଙ୍କ ପ୍ରତି ଘୋର ଅନ୍ୟାୟ। ସେହିପରି ଆଦିବାସୀଙ୍କୁ ସାମ୍ବିଧାନିକ ସୁରକ୍ଷା ଦେବାପାଇଁ ଜନଜାତି ଆୟୋଗ ଗଠନ ହେଉ ବୋଲି ମତପ୍ରକାଶ ପାଇଥିଲା। କେନ୍ଦ୍ର ସରକାର ୨୪ ନଭେମ୍ବର ୨୦୨୨ରେ ଝାରସୁଗୁଡା ଜିଲାର ଲଇକେରା ଓ କିର୍ମିରା ବ୍ଲକକୁ ଆଇଟିଡିଏ ଘୋଷଣା କରିଛନ୍ତି। ରାଜ୍ୟ ସରକାର ତୁରନ୍ତ ଏହାକୁ କାର୍ଯ୍ୟକାରୀ କରନ୍ତୁ ବୋଲି ଦାବି ହୋଇଥିଲା। ବୈଠକରେ ସମ୍ମିଳିତ ଆଦିବାସୀ ସମାଜର ମୁଖ୍ୟ ଉପଦେଷ୍ଟା ତଥା ଅଖିଳ ଭାରତୀୟ ଗୋଁଣ୍ଡୱନା ଗୋଁଣ୍ଡ ମହାସଭା ରାଜ୍ୟ ସଭାପତି ମହେନ୍ଦ୍ର ନାଏକ, ସଭାପତି ମାଧବ ସିଂହ ନାଏକ, ଉପଦେଷ୍ଟା ରତ୍ନାକର ପ୍ରଧାନ, ପ୍ରଭାକର ଓରାମ, ପ୍ରମୁଖ ସଚିବ ଅଶୋକ କୁମାର ମାଝି, ମହାସଚିବ ବିନୋଦ ବିହାରୀ ବାଗ, ତ୍ରିଲୋଚନ ଡନସନା, ଫକୀର ନାଏକ, ଶ୍ୟାମଲାଲ ନାଏକ, ନବୀନ କୁମାର ବୁଦୁଲା ପ୍ରମୁଖ କର୍ମକର୍ତ୍ତା ଉପସ୍ଥିତ ଥିଲେ।


ବୈଠକରେ ମଞ୍ଚାସୀନ ଅତିଥିବୃନ୍ଦ।

# ସାଧାରଣତନ୍ତ୍ର ଦିବସ ପାଇଁ ପ୍ରସ୍ତୁତି ବୈଠକ

ନାକଟିଦେଉଳ,୧୯।୧(ଡ଼ି.ଏନ.ଏ.)

ନାକଟିଦେଉଳ ବ୍ଲକସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ପାଇଁ ଗୁରୁବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମହାବିଦ୍ୟାଳୟ ଖେଳ ପଡ଼ିଆରେ ଏହା ଆୟୋଜିତ ହେବ। ଏଥିପାଇଁ ବିଭିନ୍ନ ସ୍କୁଲ,କଲେଜର ଛାତ୍ରୀଛାତ୍ରଙ୍କ ମଧ୍ୟରେ ଆସନ୍ତା ୨୪ତାରିଖରେ ବିବିଧ ପ୍ରତିଯୋଗିତା କରାଯିବ। ବ୍ଲକ ଅଧ୍ୟକ୍ଷା ମୁଖ୍ୟଅତିଥି ଭାବେ ଯୋଗଦେଇ ମିଳିତ ପରେଡ଼ର ଅଭିବାଦନ ଗ୍ରହଣ କରିବା ସହ ଜାତୀୟ ପତାକା ଉତ୍ତୋଳନ କରିବେ ବୋଲି ନିଷ୍ପତ୍ତି ନିଆଯାଇଥିଲା। ସକାଳୁ ବ୍ଲକ ପ୍ରଶାସନ ପକ୍ଷରୁ ଡ଼ାକବାଜି ଯନ୍ତ୍ର ଯୋଗେ ପ୍ରଭାତ ଫେରି କରାଯିବ। ଏଥିପାଇଁ ବିଭିନ୍ନ କମିଟି ଗଠନ କରାଯାଇ ଦାୟିତ୍ୱ ପ୍ରଦାନ କରାଯାଇଛି। ବିଡିଓ ବିବେକାନନ୍ଦ ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ବ୍ଲକ ଅଧ୍ୟକ୍ଷା ସ୍ୱରୁପାରାଣୀ ସାହୁ, ବ୍ଲକ ଶିକ୍ଷା ଅଧିକାରୀ ବିଜୟ କୁମାର ପାତ୍ର, ଗ୍ରା.ପ. ସମ୍ପ୍ରସାରଣ ଅଧିକାରୀ ଅଶୋକ କୁମାର ଟାଲି, ଏବିଡ଼ିଓ ବିଦ୍ୟାଧର ରାଉତରାୟ ପ୍ରମୁଖ ଯୋଗଦେଇଥିଲେ।

# ଗଣତନ୍ତ୍ର ଦିବସ ପାଇଁ କୁଇଜ୍ ପ୍ରତିଯୋଗିତା

ସମ୍ବଲପୁର,୧୯।୧(ବ୍ୟୁରୋ)

ସମ୍ବଲପୁର ଜିଲା ପ୍ରଶାସନ ଓ ଓଡ଼ିଶା ସାଂସ୍କୃତିକ ସମାଜ ମିଳିତ ଆନୁକୂଲ୍ୟରେ ଗଣତନ୍ତ୍ର ଦିବସ ଉପଲକ୍ଷେ ବିଦ୍ୟାଳୟ, ମହାବିଦ୍ୟାଳୟ ସ୍ତରୀୟ କୁଇଜ୍‌ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ସାଂସ୍କୃତିକ ସମାଜର ବରିଷ୍ଠ ସଦସ୍ୟ ଅଶୋକ କୁମାର ପ୍ରଧାନଙ୍କ ସଂଯୋଜନା କରିଥିଲେ। ଏଥିରେ ୨୪ ସ୍କୁଲ ଓ ୧୨ କଲେଜର ୫୦ ପ୍ରତିଯୋଗୀ ଭାଗନେଇଥିଲେ। ବୁଢାରଜା ଉଚ୍ଚ ବିଦ୍ୟାଳୟର ଶୁଭମ ସାହୁ ଓ ସେଣ୍ଟ ଜୋନ୍ସ ସ୍କୁଲର ସାହିଦ୍ ଆଫିଜା, ସରସ୍ୱତୀ ପ୍ରଧାନ ଯୁଗ୍ମ ଭାବରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ। କୃତୀ ପ୍ରତିଯୋଗୀଙ୍କୁ ଗଣତନ୍ତ୍ର ଦିବସ ସମାରୋହରେ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯିବ।

# ମଦ ବନ୍ଦ ପାଇଁ ଜିଲାପାଳଙ୍କୁ ଦାବିପତ୍ର


ଜିଲାପାଳଙ୍କ କାର୍ଯ୍ୟାଳୟକୁ ଦାବିପତ୍ର ଦେବାକୁ ଆସିଥିବା ମହିଳାମାନେ।

ଝାରସୁଗୁଡ଼ା ଅଫିସ,୧୯।୧

ବଡମାଲ ଥାନା ଅନ୍ତର୍ଗତ ହିର୍ମା ପଞ୍ଚାୟତର ତୁମ୍ବେକେଲା ଗ୍ରାମରେ କୁଚିଆ ମଦବିକ୍ରି ବନ୍ଦପାଇ ଗ୍ରାମର ଏସ୍ଏଚ୍‌ଜି ଗ୍ରୁପ୍‌ର ଶତାଧିକ ମହିଳା ଗୁରୁବାର ଜିଲାପାଳଙ୍କ ଅଫିସ ଆଗରେ ବିକ୍ଷୋଭ କରି ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଏଥିରେ ଗ୍ରାମର ୧୯ ଏସ୍ଏଚ୍‌ଜି ଗ୍ରୁପ୍ ସାମିଲ ହୋଇଥିଲେ। ଦାବିପତ୍ରରେ ଉଲ୍ଲେଖ ରହିଛି ହିର୍ମା ଗ୍ରାମରେ ଏକ ଲାଇସେନ୍ସ ପ୍ରାପ୍ତ ମଦଭାଟି ରହିଛି। ଏହି ଭାଟିରୁ କେତେଜଣ ଲୋକ ମଦ ଆଣି ଗ୍ରାମରେ କୁଚିଆ ମଦଭାଟି ଖୋଲି ବେଆଇନ ଭାବେ ବିକ୍ରି କରୁଛନ୍ତି। ଏଠାରୁ ଗ୍ରାମର ଲୋକେ ମଦକିଣି ପିଉଛନ୍ତି। ଏଥିରୁ ସ୍କୁଲ୍ ଓ କଲେଜ ଛାତ୍ରମାନେ ବି ବାଦ୍ ପଡୁନାହାନ୍ତି। କେତେକ ଲୋକ ନିଶା ସେବନ କରି ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରୁଛନ୍ତି। ଅନେକ ସମୟରେ ଗ୍ରାମର ମହିଳା, ଯୁବତୀମାନେ ଦୁର୍ବ୍ୟବହାର ଶିକାର ହେଉଛନ୍ତି। ବହୁ ପରିବାରରେ ଅଶାନ୍ତି ସୃଷ୍ଟି ହେଉଛି। ଏହାକୁ ସମ୍ପୂର୍ଣ୍ଣ ବନ୍ଦ କରିବାପାଇଁ ପୂର୍ବରୁ ଜିଲା ପ୍ରଶାସନ, ଅବକାରୀ ବିଭାଗ ଓ ପୋଲିସ୍ ପ୍ରଶାସନକୁ ଅବଗତ କରାଯାଇଥିଲା। ହେଲେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଏହାକୁ ବନ୍ଦ କରା ନ ଗଲେ ଆଗାମୀ ଦିନରେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି।

# କୁଚିଣ୍ଡା କଲେଜରେ ବାର୍ଷିକ କ୍ରୀଡ଼ା ଉଦ୍‌ଯାପିତ

କୁଚିଣ୍ଡା,୧୯।୧(ଡି.ଏନ.ଏ.)

କୁଚିଣ୍ଡା କଲେଜରେ ଦୁଇଦିନ ଧରି ଚାଲିଥିବା ୫୬ତମ ବାର୍ଷିକ କ୍ରୀଡ଼ା ପ୍ରତିଯୋଗିତା ବୁଧବାର ସନ୍ଧ୍ୟାରେ ଉଦ୍‌ଯାପିତ ହୋଇଯାଇଛି। କଲେଜ ଅଧ୍ୟକ୍ଷା ସୁଚିତ୍ରା ମିଶ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ସୁରେଶ ଚନ୍ଦ୍ର ପ୍ରଧାନ ମୁଖ୍ୟଅତିଥି, ସିଆର୍‌ପିଏଫ୍ ଆସିଷ୍ଟାଣ୍ଟ ତଥା ପୂର୍ବତନ ଛାତ୍ର ଜନ ବେକ,ପୂର୍ବତନ ବିଧାୟକ ବୃନ୍ଦାବନ ମାଝି ସମ୍ମାନିତ ଅତିଥି ଭାବେ ଯୋଗଦେଇ କ୍ରୀଡ଼ା ଦ୍ୱାରା ଶରୀର ନୀରୋଗ ରହିବା ସହ ସାସ୍ଥ୍ୟର ଉନ୍ନତି ହୋଇଥାଏ ବୋଲି କହିଥିଲେ। ଏହି ଅବସରରେ କ୍ରୀଡ଼ା ପ୍ରତିଯୋଗିତାରେ ଚାମ୍ପିୟନ ହୋଇଥିବା ଯୁକ୍ତ ତିନି ମହିଳା ବିଭାଗରେ ଭାରତୀ ମାଝି, ଯୁକ୍ତ ଦୁଇ ମହିଳା ବିଭାଗରେ ମନିଷା ବାଗ, ଯୁକ୍ତ ଦୁଇ ପୁରୁଷ ବିଭାଗରେ ସଚ୍ଚିନ ସୁନାନୀ, ଯୁକ୍ତ ତିନି ପୁରୁଷ ବିଭାଗରେ ରାଜେନ୍ଦ୍ର ପ୍ରଧାନଙ୍କୁ ଅତିଥିଗଣ ପୁରସ୍କୃତ କରିଥିଲେ।

# ଯୁବ କଳାକାରଙ୍କ ଅକାଳ ବିୟୋଗ

ସମ୍ବଲପୁର,୧୯।୧(ବ୍ୟୁରୋ)



ଯୁବ କଳାକାର ଚନ୍ଦ୍ରଶେଖର ଦୁବେ(ପିଣ୍ଟୁ)ଙ୍କ ଗୁରୁବାର ଅକାଳ ବିୟୋଗ ଘଟିଛି। ତାଙ୍କୁ ୪୫ବର୍ଷ ହୋଇଥିଲା। ଗତ ୪ମାସ ହେବ ସେ କର୍କଟ ରୋଗରେ ପୀଡିତ ଥିଲେ। ବୁଧବାର ରାତିରେ ଗୁରୁତର ହେବାରୁ ତାଙ୍କୁ ଚିକିତ୍ସା ସକାଶେ ରାୟପୁର ନିଆଯାଉଥିଲା। ହେଲେ ବାଟରେ ତାଙ୍କର ମୃତ୍ୟୁ ଘଟିଥିଲା। ମୃତଦେହ ସମ୍ବଲପୁର ସାକ୍ଷୀଗୋପିନାଥ ପଡାସ୍ଥିତ ବାସଭବନକୁ ଅଣାଯାଇଥିଲା। ମୃତ୍ୟୁ ଶଯ୍ୟା ନିକଟରେ ସ୍ତ୍ରୀ, ପୁତ୍ର, ମାଆ, ବାପାଙ୍କ ସମେତ ବନ୍ଧୁ ପରିଜନ ଉପସ୍ଥିତ ଥିଲେ । ଗୁରୁବାର ସମ୍ବଲପୁର ରାଜଘାଟଠାରେ ତାଙ୍କର ଅନ୍ତେଷ୍ଟିକ୍ରିୟା ଶେଷ ହୋଇଛି। ବଡଭାଇ ଶଶାଙ୍କଶେଖର ଦୁବେ ମୁଖାଗ୍ନି ଦେଇଥିଲେ। ଚନ୍ଦ୍ରଶେଖର ବିଭିନ୍ନ ବାଦ୍ୟଯନ୍ତ୍ର ବଜାଇ କକାକାର ମହଲର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ମୁଖ୍ୟତଃ ସେ ଢ଼ୋଲ, ଗିଟାର, ମେଣ୍ଡୋଲିନ, ପିଆନୋ, ନିସାନ, ଅରଗାନ ପ୍ରଭୃତି ବାଦ୍ୟଯନ୍ତ୍ର ବଜାଇବାରେ ସିଦ୍ଧ ଥିଲେ। ସମ୍ବଲପୁର ଆକାଶବାଣୀର ସ୍ୱୀକୃତିପ୍ରାପ୍ତ କଳାକାର ଭାବେ କାର୍ଯ୍ୟ କରୁଥିଲେ। ସମ୍ପ୍ରତି ସେ ପଶ୍ଚିମ ଓଡିଶାର ଲୁପ୍ତବାଦ୍ୟ ଯନ୍ତ୍ର ଓ ଗୀତ ବିଷୟରେ ଗବେଷଣା ରତ ଥିଲେ। ସନ୍ଧ୍ୟାରେ ସମ୍ବଲପୁର ଧନୁପାଲିସ୍ଥିତ କଖଗ ଅନୁଷ୍ଠାନ ସଭାକକ୍ଷରେ ଶୋକ ସଭା ହୋଇଥିଲା। ନାଟ୍ୟ ନିର୍ଦ୍ଦେଶକ ବ୍ରଜେନ୍ଦ୍ର ନାୟକ ଅଧ୍ୟକ୍ଷତା କରିଥିଲେ । କାଳାକରମାନେ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ।

# ସ୍ୱାସ୍ଥ୍ୟ ବାହିନୀର ଶୁଭ ଉଦ୍‌ଘାଟନ

ସମ୍ବଲପୁର,୧୯।୧(ବ୍ୟୁରୋ)

ଆଦିତ୍ୟ ଆଲୁମିନିୟମ ସ୍ୱାସ୍ଥ୍ୟ ସେବା ଅନ୍ତର୍ଗତ ସ୍ୱାସ୍ଥ୍ୟ ବାହିନୀ ଉଦ୍‌ଘାଟିତ ହୋଇଛି। କମ୍ପାନୀର ଉପସଭାପତି ଡା. ବିବେକାନନ୍ଦ ମିଶ୍ର, ମେଡିହେଲଥ ଫାଉଣ୍ଡେଶନର ଏନ. ରାଜା, ସମିତି ସଭ୍ୟ କିରନ ବେହେରା, ବମାଲୋଇ ସରପଞ୍ଚ ସରସ୍ୱତୀ ପଧାନ, ଲପଙ୍ଗା ସରପଞ୍ଚ ମମତା ବେହେରା ପ୍ରମୁଖ ଯୋଗଦାନ କରିଥିଲେ। ଟେଲି ମେଡ଼ିସିନ ସ୍ୱାସ୍ଥ୍ୟସେବା ମାଧ୍ୟମରେ ସିଧା ସଳଖ ଭିଡ଼ିଓ ଦ୍ୱାରା ଅଭିଜ୍ଞତା ସମ୍ପନ୍ନ ଡାକ୍ତରମାନଙ୍କ ଦ୍ୱାରା ମାଗଣା ପରାମର୍ଶ ଲକ୍ଷ୍ୟ ରଖା ଯାଇଛି। ମୋବାଇଲ, ଇଣ୍ଟରନେଟ, ଆପ୍ ମାଧ୍ୟମରେ ସ୍ୱାସ୍ଥ୍ୟଗତ ତଥ୍ୟ, ରିପୋର୍ଟ, ଏବଂ ବିବରଣୀ ପତ୍ରର ସୁବିଧା ଦ୍ୱାରା ଅପହଞ୍ଚ ଗାଁର ଜନସାଧାରଣ ଉପକୃତ ହୋଇ ପାରିବେ। ପାରିପାର୍ଶ୍ୱିକ ଉନ୍ନୟନ ବିଭାଗ ମୁଖ୍ୟ ଶ୍ୱେତା ଉପାଧ୍ୟାୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ମନୋରଞ୍ଜନ ବେହେରା ସହଯୋଗ କରିଥିଲେ।

# ସୁପ୍ରିମକୋର୍ଟଙ୍କୁ ବିଭ୍ରାନ୍ତିକର ତଥ୍ୟ ଦିଆଯାଇଛି

ସମ୍ବଲପୁର,୧୯।୧(ବ୍ୟୁରୋ)


ମଣ୍ଡଳ କାରାଗାର ସମ୍ମୁଖରେ କୋଶଳ ରାଏଜ ସମନ୍ୱୟ ସମିତିର ସଦସ୍ୟ ।

**ସ୍ୱତନ୍ତ୍ର ରାଜ୍ୟ ହେଲେ ପୂର୍ଣ୍ଣାଙ୍ଗ ହାଇକୋର୍ଟ ହେବ**

ପଶ୍ଚିମ ଓଡ଼ିଶାରେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ନେଇ ଆନ୍ଦୋଳନ ସମୟରେ ହୋଇଥିବା ଅଭାବନୀୟ ଘଟଣାରେ ଗିରଫ ଓକିଲମାନଙ୍କୁ ସମ୍ବଲପୁର ଜେଲରେ ଭେଟିବାକୁ ଗୁରୁବାର କୋଶଳ ରାଏଜ ସମନ୍ୱୟ ସମିତି ସଦସ୍ୟମାନେ ଆସିଥିଲେ। ହେଲେ ଜେଲ କର୍ତ୍ତୃପକ୍ଷ ଅନୁମତି ଦେଇ ନ ଥିଲେ। କେବଳ ଜେଲରେ ଥିବା ଓକିଲଙ୍କ ପରିବାର ଓ ଆଇନଜୀବୀଙ୍କୁ ଭେଟିବାକୁ ଦିଆଯାଉଛି କହି ଫେରାଇ ଦେଇଥିଲେ। ପରେ ସେମାନେ ଅସନ୍ତୋଷ ପ୍ରକାଶ କରି ଜିଲା ଓକିଲ ସଂଘ କର୍ମକର୍ତ୍ତାଙ୍କୁ ଭେଟି ଫେରିଛନ୍ତି। ସେମାନେ ଅଭିଯୋଗ କରିଥିଲେ, ସୁପ୍ରିମକୋର୍ଟରେ ପଶ୍ଚିମ ଓଡ଼ିଶା ହାଇକୋର୍ଟ ସ୍ଥାୟୀ ବେଞ୍ଚ ଦାବି ନେଇ ବିଭ୍ରାନ୍ତିକର ତଥ୍ୟ ଦିଆଯାଇଛି। ତେଣୁ ସୁପ୍ରିମକୋର୍ଟ ଓକିଲମାନଙ୍କ ବିପକ୍ଷରେ ରାୟ ଦେଇଛନ୍ତି। ହାଇକୋର୍ଟ ଆବଶ୍ୟକ ଥିବାରୁ ରାଜ୍ୟ ସରକାର ବାରମ୍ବାର ଚିଠି କରୁଛନ୍ତି। ଏପରି କି କମିସନ ଗଠନ କରିଥିଲେ। ଏହା ଜନଦାବି ହୋଇଥିବାରୁ ଜନ ଆନ୍ଦୋଳନରେ ପରିଣତ ହୋଇଥିଲା। ଏବେ ହାଇକୋର୍ଟ ସ୍ଥାୟୀ ବେଞ୍ଚ ନୁହେଁ, ସ୍ୱତନ୍ତ୍ର ରାଜ୍ୟ ଦାବି ହେବ ଓ ପୂର୍ଣ୍ଣାଙ୍ଗ ହାଇକୋର୍ଟ ହେବ। ଯେଉଁ ଓକିଲ ଓ ଅନ୍ୟମାନେ ଗିରଫ ହୋଇଛନ୍ତି ସେଇ କ୍ରାନ୍ତିକାରୀମାନେ ଏହି ସ୍ୱତନ୍ତ୍ର ରାଜ୍ୟ ଆନ୍ଦୋଳନର ପ୍ରେରଣା ବୋଲି କହିଥିଲେ। ଉକ୍ତ ଟିମ୍‌ରେ ସମିତିର ରାଜ୍ୟ ଆବାହକ ପ୍ରଶାନ୍ତ କୁମାର ମାଝି, ସାଙ୍ଗଠନିକ ସମ୍ପାଦକ ସୁରେନ୍ଦ୍ର କୁମାର ପଣ୍ଡା, ଦିପକ କୁମାର ରଥ, ଅର୍ପଣ ନାୟକ ଦାସ ସାମିଲ ଥିଲେ।

